## ଜବାହର ନବୋଦୟ ବିଦ୍ୟାଳୟରେ ବନ ମହୋତ୍ସବ

ଦେବଗଡ଼,(ଡି.ଏନ.ଏ): ତିଲେଇବଣି ବ୍ଲକ ସୁନାମୁଣ୍ଡାସ୍ଥିତ ଦେବଗଡ଼ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ଜିଲା ବିଚାର ବିଭାଗ ଓ ବନ ବିଭାଗର ମିଳିତ ଆନୁକୂଲ୍ୟରେ ଶନିବାର ଜିଲାସ୍ତରୀୟ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଦେବଗଡ଼ ବନଖଣ୍ଡ ଅଧିକାରିଣୀ କ୍ଷମା ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଜିଲା ଓ ଦୌରାଜଜ ସୁଦୀପ୍ତ ଆଚାର୍ଯ୍ୟ ଯୋଗଦେଇଥିଲେ। ଅତିରିକ୍ତ ଜିଲା ଦୌରାଜଜ ସସ୍ମିତା ପର୍ଖ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଚିନ୍ମୟ ଗୋଚ୍ଛାୟତ, ସବଜଜ୍ ଶିବାନୀ,ଏସ୍‌ଡିଜେଏମ୍ ନେହା ଅଗ୍ରୱାଲ, ବିଦ୍ୟାଳୟର ଅଧକ୍ଷ ଉତ୍ତମ ପ୍ରସାଦ ଓ ଉପାଧକ୍ଷ ହରିହର ମିଶ୍ର ପ୍ରମୁଖ ଚାରାରୋପଣ କରିଥିଲେ। ଅତିରିକ୍ତ ବନ ସଂରକ୍ଷକ ପିଟର ଟୋଗା ଓ ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସୁସ୍ଥ ସମାଜ ପାଇଁ ପରିବେଶର ସୁରକ୍ଷା ଜରୁରୀ

କୁଆଁରମୁଣ୍ଡା,୩।୭(ଡି.ଏନ.ଏ.): ପରିବେଶ ସୁସ୍ଥ ରହିଲେ ଆମେ ସୁସ୍ଥ ରହିବା ସହ ଉତ୍ତର ପିଢି ମଧ ସୁସ୍ଥ ରହିବେ। ଗୁରୁବାର ରାଉରକେଲା ବନଖଣ୍ଡ ଅନ୍ତର୍ଗତ କୁଆଁରମୁଣ୍ଡା ରେଞ୍ଜ ପକ୍ଷରୁ ଆୟୋଜିତ ୭୨ତମ ବନ ମହୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ରେମିଶ୍ କେର୍କେଟା, କୁଆଁରମୁଣ୍ଡା ସରପଞ୍ଚ ସୁଷମା କାନ୍ତି କିଣ୍ଡୋ, ରାଉରକେଲା ଅଗ୍ନିଶମ ସେବା କାର୍ଯ୍ୟାଳୟର ଏଏଫଓ କମଳ ଲୋଚନ ଗୌଡ଼, କୁଆଁରମୁଣ୍ଡା ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ସୁଦର୍ଶନ ପ୍ରଧାନ,ସାମାଜିକ କର୍ମୀ ଅର୍ଜୁନ ମିଞ୍ଜ, ବିଜୟ ଆଫ୍ରୋଡ୍ ମିଞ୍ଜ ପ୍ରମୁଖ ଉପସ୍ଥିତ ରହି ପ୍ରଥମେ ଚାରା ଲଗାଇବା କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ଏହି ବୃକ୍ଷରୋପଣ କାର୍ଯ୍ୟ କୁଆଁରମୁଣ୍ଡା ସରକାରୀ ଡାଏରୀ ଫାର୍ମ ନିକଟସ୍ଥ କମାରପାହାଡ଼ରେ ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ଆରମ୍ଭ ହୋଇଛି । ବିଭିନ୍ନ କିସମର ଚାରା ବିଶେଷ କରି ଅଁଳା, କାଞ୍ଚନ, ଜାମୁ, ନିମ୍ବ, କରଞ୍ଜ ଇତ୍ୟାଦି ମୋଟ ୬୯୫ଟି ଚାରାରୋପଣ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମ କୁଆଁରମୁଣ୍ଡା ରେଞ୍ଜର ସ୍ୱାଧୀନତା ସାହାଣୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ।

### ଗରିବ ଅସହାୟଙ୍କୁ ରାଶନ ସାମଗ୍ରୀ ବଣ୍ଟନ

ଲହୁଣୀପଡା,୩।୭(ଡି.ଏନ୍.ଏ): ସୁନ୍ଦରଗଡ଼ ଜିଲା ଲହୁଣୀପଡାସ୍ଥିତ ସୁନ୍ଦରଗଡ଼ ଉନ୍ନୟନ ପରିଷଦ ଓ ବାଙ୍ଗାଲୋରର ଆଜମି ପ୍ରେମଜୀ ଫାଉଣ୍ଡେସନର ମିଳିତ ସହଯୋଗରେ ଗରିବ ଅସହାୟ ବୃଦ୍ଧା, ବୃଦ୍ଧ, ଭିନ୍ନକ୍ଷମମାନଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଲହୁଣୀପଡା ବ୍ଲକ ଅନ୍ତର୍ଗତ ମହୁଲପଦା ପଞ୍ଚାୟତର କିରି, କେତ, କୁନୁ, କୁଣ୍ଡଲା ଗ୍ରାମରେ ଶୃଙ୍ଖଳା ରାଶନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏଥିରେ ବଣାଇ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଲଲାଟ କୁମାର ଲୁହା ଏବଂ ସହକାରୀ ଯନ୍ତ୍ରୀ ଜେନାମଣି ପାଣ୍ଡେ, ପୂର୍ବତନ ସରପଞ୍ଚ ସୌଭାଗ୍ୟ ନାଏକ, ଏସଜିୟୁପି ସମ୍ପାଦକ ଶ୍ୟାମସୁନ୍ଦର ରାଉତ ପ୍ରମୁଖ ପହଞ୍ଚି ରାଶନ ସାମଗ୍ରୀ ବଣ୍ଟନ କରିଥିଲେ। ଉପରୋକ୍ତ ୪ଟି ଗ୍ରାମର ୧୬୦ ଜଣଙ୍କୁ ପ୍ରଥମ ଦିନରେ ରାଶନ ସାମଗ୍ରୀ ଓ ମାସ୍କ, ସାବୁନ, ସାନିଟାଇଜର ପ୍ରଦାନ କରାଯାଇଥିବାବେଳେ ତା ପରଦିନ ୧୩୦ ଲୋକଙ୍କୁ ପ୍ରଦାନ କରାଯାଇଥିଲା। ସେହିଭଳି ଡଲେଇସରା ପଞ୍ଚାୟତରେ ସରପଞ୍ଚ ବୁଦୁନି ନାଏକଙ୍କ ଉପସ୍ଥିତରେ ପ୍ରାୟ ୨୬୦ରୁ ଉର୍ଦ୍ଧ୍ୱ ପରିବାରଙ୍କୁ ପ୍ରଦାନ କରାଯାଇଥିଲା। ସେହିଭଳି ଫୁଲଝର ପଞ୍ଚାୟତର ସରପଞ୍ଚ କିଶୋର ଗିରିଙ୍କ ଉପସ୍ଥିତରେ ୩୬୦, ହଳଦୀକୁଦର ସରପଞ୍ଚ ପୂର୍ଣ୍ଣିମା ମୁଣ୍ଡାଙ୍କ ଉପସ୍ଥିତିରେ ୨୪୦ ଜଣଙ୍କୁ ରାଶନ ସାମଗ୍ରୀ ପ୍ରଦାନ କରିବା ସହିତ ମାସ୍କ, ସାବୁନ, ସାନିଟାଇଜର ପ୍ରଦାନ କରି କରୋନା ସଚେତନତା ବାର୍ତ୍ତା ଦେଇଥିଲେ। ଏହି ୪ ପଞ୍ଚାୟତରେ ୧୧ଶହ ଜଣଙ୍କୁ ଏହା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଏସ୍‌ଜିୟୁପି କର୍ମକର୍ତ୍ତା ଗୋବିନ୍ଦ ମାଝି, ଦିକ୍ଷିତା ଦାସ, ଶରତ ଚନ୍ଦ୍ର ନାଏକ, ଅଭିଷେକ ବିଶ୍ୱାଳ, ରଞ୍ଜନ କୁମାର ସାହୁ, ପ୍ରମୋଦ କୁମାର ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜିଲା କ୍ରୀଡ଼ା ଶିକ୍ଷା ନିରୀକ୍ଷିକାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସୁନ୍ଦରଗଡ଼,୩।୭(ଡି.ଏନ୍.ଏ): ବରିଷ୍ଠ କ୍ରୀଡା ଶିକ୍ଷୟିତ୍ରୀ ତଥା ଭାରପ୍ରାପ୍ତ ଜିଲା ଶାରୀରିକ କ୍ରୀଡା ଶିକ୍ଷା ନିରୀକ୍ଷିକା ସଂଯୁକ୍ତା ବହିଦାର ବୁଧବାର ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ସ୍ଥାନୀୟ ରାଣୀ ଜାନକୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡଙ୍ଗୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ, ବିଶିଷ୍ଟ ଶିକ୍ଷାବିତ ଶରତ ଚନ୍ଦ୍ର ମହାପାତ୍ର, ପୂର୍ବତନ ଶିକ୍ଷକ ବିଦ୍ୟାଧର ସରାଫ, କିଞ୍ଜିର୍ମା ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ ଚୌଧୁରୀ, ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ବିଶ୍ୱରଞ୍ଜନ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀବତ୍ସ ଚୌଧୁରୀ ଅଧକ୍ଷତା କରିଥିଲେ। ଏହି ଅବସରରେ ବହିଦାରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏକ ଭର୍ଚୁଆଲ ଜୁମ ମିଟିଂ ମାଧ୍ୟମରେ ବର୍ତ୍ତମାନ ଓ ପୁରାତନ ଛାତ୍ରୀ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କ ସହିତ ତାଙ୍କର ସୁମଧୁର ସମ୍ପର୍କକୁ ନେଇ ଭାବବିହ୍ୱଳ ହୋଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁସ୍ମିତା ଯୋଶୀ ସଭା ସଞ୍ଚାଳନ କରିଥିଲେ। ଏହି ସଭାରେ ଲେଫ୍ରିପଡା ବ୍ଲକ ଶିକ୍ଷକ ବିପିନ ବିହାରୀ ପଟେଲ ଓ ଶିକ୍ଷୟିତ୍ରୀ ଅମ୍ବିକା ଦାଶଙ୍କୁ ମଧ୍ୟ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# କାରଖାନା ଧୂଆଁ ବଢ଼ାଉଛି ପ୍ରଦୂଷଣ

କୁତ୍ରା,୩।୭( ଡି.ଏନ.ଏ)


କୁତ୍ରା ଅଞ୍ଚଳର ଏକ କାରଖାନାରୁ ଧୂଆଁ ବାହାରୁଛି।

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅଞ୍ଚଳରେ ଦିନକୁ ଦିନ ବଢିଚାଲିଛି ପ୍ରଦୂଷଣ। ଫଳରେ ଜନସାଧାରଣ ଅତିଷ୍ଠ ହୋଇପଡିଲେଣି। କୁତ୍ରା ବ୍ଲକ ଅଞ୍ଚଳରେ ଅନେକ ଛୋଟବଡ଼ ଖଣି, ଖାଦାନ, କାରଖାନା ବଢିଚାଲିଛି। ଫଳରେ ପ୍ରଦୂଷଣ ମଧ୍ୟ ବଢିଚାଲିଛି। ବିଶେଷକରି କାରଖାନାରୁ ବାହାରୁ ଥିବା ଧୂଆଁ ଯୋଗୁ ଅଞ୍ଚଳରେ ପ୍ରଦୂଷଣ ବଢୁଛି। ୧୦ ନମ୍ବର ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱରେ ସ୍ଥାପିତ ହୋଇଥିବା କେତେକ କାରଖାନା ଯୋଗୁ ପ୍ରଦୂଷଣ ଅଧିକ ବଢୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଦୃଷ୍ଟି ଆକର୍ଷଣ କରିଛନ୍ତି। କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡାଠାରେ ଏକ ଲୁହା ତିଆରି କାରଖାନା ରହିଛି। ଏହି କାରଖାନାରୁ ଏଙ୍ଗଲ ତିଆରି ହୋଇ ବିଭିନ୍ନ ରୋଲିଂମିଲକୁ ଯାଇ ଲୁହା ଏଙ୍ଗଲ ତିଆରି ହେଉଛି । ତେବେ ଏହି କାରଖାନା ପ୍ରତ୍ୟେହ ବହୁ ମାତ୍ରାରେ ବାୟୁ ପ୍ରଦୂଷଣ କରୁଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାୟୁ ପ୍ରଦୂଷଣ କାରଣରୁ ଲୋକଙ୍କ ଆଖି ପୋଡୁଥିବା ସହ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିବା ପାର୍ଶ୍ୱବର୍ତ୍ତୀ ଲୋକେ ଅଭିଯୋଗ କରିଛନ୍ତି। କାରଖାନା ଆଖପାଖରେ ବୃକ୍ଷ ଗୁଡିକର ପତ୍ର ଉପରେ ଏହାର ଆସ୍ତରଣ ଦେଖିବାକୁ ମିଳୁଛି। ପ୍ରଦୂଷଣ ଯୋଗୁ ସମ୍ପୃକ୍ତ ଅଞ୍ଚଳରେ ଲୋକେ କାଶ, ଯକ୍ଷ୍ମା ଓ ଅନ୍ୟ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ଦିନ ଦିପହରେ ଦୂଷିତ ବାୟୁ ଅଞ୍ଚଳରେ ଉଡୁଥିଲେ ହେଁ ପ୍ରଶାସନର ନିଘାନାହିଁ। ଏଠାରେ ପ୍ରଶ୍ନ ଉଠୁଛି ସରକାରଙ୍କ ଶିଳ୍ପାୟନ ନୀତି ଅନୁସାରେ ଯେଉଁ ଅଞ୍ଚଳରେ କଳକାରଖାନାମାନ ଗଢି ଉଠିବ ସେଠାରେ ସର୍ବପ୍ରଥମେ ସ୍ଥାନୀୟ ନିଯୁକ୍ତିକୁ ପ୍ରାଧାନ୍ୟ ଦେବା ସହିତ ସେହି ଅଞ୍ଚଳରେ ବୃକ୍ଷରୋପଣ କରିବା ସଙ୍ଗେ ସଙ୍ଗେ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ବିଶେଷ ଧ୍ୟାନ ଦେବ। କିନ୍ତୁ ଏହି କାରଖାନା ଏସବୁ ଧ୍ୟାନ ଦେଉ ନ ଥିବା ସାଧାରଣରେ ଉଦବେଗର ବିଷୟ ପାଲଟିଛି। ଅତିଶୀଘ୍ର ରାଜ୍ୟ ସରକାରଙ୍କ ପ୍ରଦୂଷଣ ବିଭାଗ ତଥା ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟିଦେଇ ଏହାର ପ୍ରତିକାର କରିବା ପାଇଁ ଦାବି ହେଉଛି। ଅନ୍ୟଥା ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ନେବେ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।

# ୟୁରିଆ ସାର କଳାବଜାର

## ଲ୍ୟାମ୍ପ୍ସରେ ନାହିଁ, ଖୋଲା ବଜାରରେ ଯାହାକୁ ଯେତେ

ବଡ଼ଗାଁ,୩।୭ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡ଼ଗାଁ ଅଞ୍ଚଳରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ୟୁରିଆ ସାରର କଳାବଜାର ଗତ ୧୫ ଦିନ ହେଲା ଆରମ୍ଭ ହୋଇଯାଇଛି। ଲ୍ୟାମ୍ପ୍ସଗୁଡିକରେ ସାର ନାହିଁ, କିନ୍ତୁ ଖୋଲାବଜାରରେ ଯାହାକୁ ଯେତେ ମିଳୁଛି ବୋଲି ଗ୍ରାମାଞ୍ଚଳର ଚାଷୀମାନଙ୍କ ଠାରୁ ଜଣାପଡିଛି। ସେମାନଙ୍କ ଠାରୁ ମିଳିଥିବା ସୂଚନାନୁଯାୟୀ, ସାହାଜବାହାଲ ଲ୍ୟାମ୍ପ୍ସରେ ୨୫ ତାରିଖ ଠାରୁ ୟୁରିଆ, ପଟାସ ଓ ୧୫ ଦିନ ପୂର୍ବରୁ ଡିଏପି ସାର ସରିଯାଇଥିଲାବେଳେ ବଡଗାଁ ଲ୍ୟାମ୍ପ୍ସରେ ମଧ ୟୁରିଆ, ଡିଏପି ସରିଯାଇଥିବା ଜଣାପଡିଛି। ଲ୍ୟାମ୍ପ୍ସରେ ସାର ଅଭାବ କଳାବଜାରୀଙ୍କୁ ସୁହାଇଛି। ୪୫ କେଜି ରହୁଥିବା ୟୁରିଆ ବସ୍ତା ଲ୍ୟାମ୍ପ୍ସରେ ୨୬୭ ଟଙ୍କା ହୋଇଥିଲା ବେଳେ କଳାବଜାରରେ ୪ ଶହ ଟଙ୍କା ଦେଇ ଚାଷୀ କିଣୁଥିବା କହିଛନ୍ତି। ତେବେ ପ୍ରତିବର୍ଷ ସାର ଅଭାବ ଦେଖାଦେବା ଓ ଲାଇସନ୍ସ ନଥିବା ବ୍ୟକ୍ତିମାନେ ଅବାଧରେ ଚଢ଼ା ଦରରେ ସାର ବିକ୍ରି କରି ଆସୁଥିବା ସତ୍ତ୍ୱେ ପ୍ରଶାସନ କେବେ ଚଢ଼ାଉ କରିବା ଦେଖା ଯାଉନାହିଁ। ଫଳରେ ସାରର ଅଭାବ ମନୁଷ୍ୟକୃତ ବୋଲି ଆଲୋଚନା ହେଉଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ପ୍ରଥମ ଥର ପାଇଁ ସାର କଳାବଜାର ପାଇଁ ଯାଉଥିବା ଗାଡି ଧରିଥିଲେ ମଧ ଚାଷୀଙ୍କ ଦରଦୀ ସାଜିଥିବା ଜଣେ ବ୍ୟକ୍ତି ଥାନାରୁ ଗାଡିକୁ ସାଲିସ କରି ନେଇ ଯାଇଥିଲେ। ପରିଣାମ ସ୍ୱରୂପ ଚଳିତ ବର୍ଷ ଖୋଲାଖୋଲି ଅବାଧ ସାର କଳାବଜାର ଚାଲିଛି। ବଡଗାଁ, ବରଗଲୋଇ, ବରଗାଁକଛାର, ମୁଣ୍ଡାଗାଁ, ପଟୁଆବେଡା, ଶଙ୍କରାପୋଷ ଆଦି ଗ୍ରାମରେ ୟୁରିଆ ସାର ବସ୍ତା ୪ଶହ ଟଙ୍କାରେ ବିକ୍ରି ହେଉଛି।

# ଜିଲାସ୍ତରୀୟ ବନ ମହୋତ୍ସବ ସପ୍ତାହ ପାଳିତ



ଜିଲାସ୍ତରୀୟ ବନ ମହୋତ୍ସବ ଅବସରରେ ବୃକ୍ଷରୋପଣ କରାଯାଉଛି।

ସୁନ୍ଦରଗଡ଼, ୩।୭ (ଡି.ଏନ୍.ଏ.)

ସ୍ଥାନୀୟ ବିକାଶ ଭବନ ଠାରେ ଶନିବାର ଜିଲାସ୍ତରୀୟ ୭୨ତମ ବନମହୋତ୍ସବ ପାଳିତ ହୋଇଯାଇଛି । ସୁନ୍ଦରଗଡ଼ ବନଖଣ୍ଡ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ନିଖିଲ ପବନ କଲ୍ୟାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟରେ ଜଙ୍ଗଲ ସୁରକ୍ଷା, ବନ୍ୟଜନ୍ତୁ ସୁରକ୍ଷା ଏବଂ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ନିମନ୍ତେ ସମସ୍ତେ ସଂକଳ୍ପବଦ୍ଧ ହେବା ସହ ଚଳିତବର୍ଷ ଜିଲାରେ ହେବାକୁ ଥିବା ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ସଫଳତାର ସହିତ ସମାପନ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅନିଲ କେରକେଟା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ, ଆତ୍ମାର ଉପପ୍ରକଳ୍ପ ଅଧିକାରୀ ନରସିଂହ ବେହେରା, ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ଜଗତେଶ୍ୱର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଗତି ମଣ୍ଡପ ନିକଟରେ ଜିଲାପାଳ ଏବଂ ବନଖଣ୍ଡ ଅଧିକାରୀ ବୃକ୍ଷରୋପଣ କରି ବନ ମହୋତ୍ସବ ସପ୍ତାହର ଶୁଭାରମ୍ଭ କରିଥିଲେ। ସମାରୋହରେ ରାଉରକେଲା, ବଣାଇଁ ଏବଂ ସୁନ୍ଦରଗଡ଼ ବନଖଣ୍ଡର ୩ଗୋଟି ବନସୁରକ୍ଷା ସମିତିକୁ ଚଳିତବର୍ଷର ବନଖଣ୍ଡସ୍ତରୀୟ ଶ୍ରେଷ୍ଠ ବନସୁରକ୍ଷା ସମିତି ଭାବେ ବିବେଚିତ କରାଯାଇ ମାନପତ୍ର ସହିତ ୨୦ହଜାର ଟଙ୍କା ଡ୍ରାଫ୍ଟ ପ୍ରଦାନ କରାଯାଇଥିଲା। ଶେଷରେ ସରକାରୀ ବନସଂରକ୍ଷକ ଦିବାକର ବେହେରା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହେମଗିର, ଗୋପାଳପୁର, ଉଜ୍ଜଳପୁର, ସୁନ୍ଦରଗଡ ଏବଂ ବଡଗାଁ ବନାଞ୍ଚଳର ଅଧିକାରୀ ଏବଂ ବନପାଳମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ କେନାପାଲିଠାରେ ଆୟୋଜିତ ସୁନ୍ଦରଗଡ ବନଖଣ୍ଡସ୍ତରୀୟ ବନମହୋତ୍ସବ ସମାରୋହରେ ବିଧାୟିକା କୁସୁମ ଟେଟେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଁଳା ବୃକ୍ଷରୋପଣ କରିଥିଲେ। କେନାପାଲି ପାୱାର ଗ୍ରୀଡ ସମ୍ମୁଖରେ ଦେଢ ଏକର ପରିମିତ ସ୍ଥାନରେ ବିଭିନ୍ନ କିସମର ବୃକ୍ଷ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମହୁଲପାଲି ସରପଞ୍ଚ ଝରଣା ଦଣ୍ଡସେନାଙ୍କ ସମେତ ବନବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ଗଛରୁ ଝୁଲନ୍ତା ମୃତଦେହ ଜବତ

ଲହୁଣୀପଡା, ୩।୭ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ବଡପୁରୁଣାପାଣି ଗ୍ରାମ ନିକଟସ୍ଥ ଏକ ଗଛରେ ଜଣେ ଯୁବତୀ ବେକରେ ଚୁନି ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡିଛି। ଶନିବାର ସକାଳେ ଗ୍ରାମର ଲୋକମାନେ ଜଣେ ଯୁବତୀ ବେକରେ ଚୁନି ବାନ୍ଧି ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ଲହୁଣୀପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଥିଲା। ପ୍ରାଥମିକ ତଦନ୍ତରୁ ମୃତ ଯୁବତୀ ଚାନ୍ଦିପୋଷ ଥାନା ଅନ୍ତର୍ଗତ ମୂଷାବିରା ଗ୍ରାମର ସ୍ୱର୍ଗତ ଡାନିଏଲ କୁଜୁରଙ୍କ ଝିଅ ଇଲିସଭା (୨୨) ବୋଲି ଜଣାପଡିଛି। ସେ ବୁଧବାର ସାଙ୍ଗ ଘରକୁ ଯାଉଛି କହି ଏକ ବ୍ୟାଗ ନେଇ ସାଇକେଲ ଯୋଗେ ବଡ ପୁରୁଣାପାଣି ଗାଁକୁ ଆସିଥିଲେ। ସେହି ଦିନଠାରୁ ବଡପୁରୁଣାପାଣି ଗ୍ରାମରେ ଥିଲେ। ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟା ବେଳେ ଘରକୁ ଯାଉଛି କହି ସାଙ୍ଗ ଘରୁ ପଳାଇଥିଲେ। କିନ୍ତୁ ଶନିବାର ତାଙ୍କର ମୃତଦେହ ଏକ ଗଛରେ ଝୁଲୁଥିବା ବେଳେ ଗଛ ମୂଳରେ ମୋବାଇଲ, ଚପଲ, ଟର୍ଚ୍ଚକୁ ପୋଲିସ ଜବତ କରିଛି । କିନ୍ତୁ ସାଇକେଲ ଓ ବ୍ୟାଗର କୌଣସି ପତ୍ତା ମିଳୁନଥିବାରୁ ତାର ପରିବାର ଲୋକ ଆତ୍ମହତ୍ୟା ପ୍ରତି ସନ୍ଦେହ ପ୍ରକାଶ କରୁଥିବା ଜଣାପଡ଼ିଛି।

# ଥାନା ସମ୍ମୁଖରେ ଟ୍ରକ୍ ଦୁର୍ଘଟଣା


ଟ୍ରକ୍ ବିଦ୍ୟୁତ୍ ଖୁମ୍ବକୁ ବାଡ଼େଇ ଦୁର୍ଘଟଣାଗ୍ରସ୍ତ ହୋଇଛି।

## କଟକଣା ସତ୍ତ୍ୱେ ସହର ମଧ୍ୟରେ ଭାରିଯାନ ଚଳାଚଳ, ବଢୁଛି ଦୁର୍ଘଟଣା

ସୁନ୍ଦରଗଡ଼, ୩।୭ (ଡି.ଏନ୍.ଏ)

ସୁନ୍ଦରଗଡ଼ ସହର ମଧ୍ୟଦେଇ ଭାରିଯାନ ଚଳାଚଳ ଉପରେ କଟକଣା ଲଗାଯାଇଛି। ଏହାକୁ ବେଖାତିର କରି ଅଧିକାଂଶ ସମୟ ଭାରିଯାନଗୁଡିକ ଚଳାଚଳ କରୁଛି। ଫଳରେ ଦୁର୍ଘଟଣା ବୃଦ୍ଧି ପାଉଛି। ଶୁକ୍ରବାର ରାତିରେ ଏମ୍‌ସିଏଲ୍‌ର ବସୁନ୍ଧରା କୋଇଲା ଖଣିରୁ ରାଉରକେଲା ଯାଉଥିବା ଏକ କୋଇଲା ବୋଝେଇ ଟ୍ରକ ସୁନ୍ଦରଗଡ଼ ସହର ଟାଉନ୍ ଥାନା ସମ୍ମୁଖରେ ରାସ୍ତା ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ୍ ଖୁମ୍ବକୁ ବାଡ଼େଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ରାସ୍ତା ପାର୍ଶ୍ୱରେ ଥିବା ଏକ ଦୋକାନ ଗୃହ ଓ ସରକାରୀ କ୍ୱାର୍ଟର୍ସରେ ରହୁଥିବା ଲୋକମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏଭଳି ଭାବେ ସହରର ବିଶେଷ କରି ସରକାରୀ କଲେଜ ରୋଡ ଦେଇ ଏମ୍‌ସିଏଲ୍‌ରୁ କୋଇଲା ବୋଝେଇ ଓ ଅନ୍ୟାନ୍ୟ ମାଲବୋଝେଇ ଭାରିଯାନଗୁଡିକ କଟକଣା ନ ମାନି ଚଳାଚଳ କରି ବିପଦ ସୃଷ୍ଟି କରୁଛନ୍ତି। ସେହିପରି ଏହି ରାସ୍ତା ଦେଇ ପ୍ରତିଦିନ ଇବ୍ ନଦୀରୁ ବାଲି ବୋଝେଇ ଟ୍ରକ ଓ ଡମ୍ପରଗୁଡିକ ଦ୍ରୁତ ଗତିରେ ଯିବାଆସିବା କରିବା ଫଳରେ ସେ ନେଇ ମଧ୍ୟ ଅନେକ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଛି। ସ୍ଥାନୀୟ ପୋଲିସ ସବୁ ଜାଣି ଚୁପ ରହିବା ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏଣୁ ଏ ଦିଗରେ ପୋଲିସ -ପ୍ରଶାସନ ଦୃଷ୍ଟି ଦେଇ ଦୃଢ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଇବ୍‌ରେ ବ୍ୟାରେଜ, ସଫେଇ ନଦୀରେ ଜଳସଂଗ୍ରହ ପ୍ରକଳ୍ପ

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ପୂର୍ବତନ ବିଧାୟକ ଯୋଗେଶ

ସୁନ୍ଦରଗଡ଼, ୩।୭(ଡି.ଏନ୍.ଏ)



ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ ଓ ଅନ୍ୟମାନେ।

ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀର ଇବ୍ ନଦୀର କୋପସିଂହାଠାରେ ବ୍ୟାରେଜ ନିର୍ମାଣ ପାଇଁ ୨୨୧ କୋଟି ଟଙ୍କା, କୁଡାବଗାଠାରେ ୧୮୬ କୋଟି ଏବଂ ସଫେଇ ନଦୀର କିଞ୍ଜିର୍ମା ଠାରେ ଜଳସଂଗ୍ରହ ପାଇଁ ୯୧କୋଟି ଟଙ୍କାର ପ୍ରକଳ୍ପ ପାଇଁ ରାଜ୍ୟ ସରକାର ସ୍ୱୀକୃତି ଦେଇଛନ୍ତି। ଖୁବଶିଘ୍ର ଏହି କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ। ଏହା ଦ୍ୱାରା ସୁନ୍ଦରଗଡ଼ବାସୀଙ୍କର ବହୁଦିନର ସ୍ୱପ୍ନ ଓ ଦାବିପୂରଣ ହେବ ବୋଲି ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ କୁମାର ସିଂ ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ସୁନ୍ଦରଗଡ଼ ସଦର ନିର୍ବାଚନ ମଣ୍ଡଳୀର ଜଳସେଚନ ଓ ପାନୀୟ ଜଳ ସମସ୍ୟା ଦୂର ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ସିଂ ସୁନ୍ଦରଗଡ଼ ବିଜୁ ଜନତା ଦଳ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରେ କୃତଜ୍ଞତା ଜଣାଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ, ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତ, ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ଉପନଗରପାଳ ସୁମନ୍ତ ପଣ୍ଡା, ଜିଲା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ରଞ୍ଜନା ପଣ୍ଡା, ସଦର ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ ନାଏକ, ବିଜୁ ଛାତ୍ର ଜନତା ଦଳର ସଭାପତି ଶାହାବାଜ ହୁସେନ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଶନିମନ୍ଦିର ପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ


ଶନିମନ୍ଦିର ପ୍ରାଙ୍ଗଣରେ ବୃକ୍ଷ ରୋପଣ କରାଯାଉଛି।

ରିଆମାଳ, ୩।୭ (ଡି.ଏନ୍.ଏ.)

ଦେବଗଡ଼ ଜିଲା ରିଆମାଳ ବ୍ଲକ ସଦର ମହକୁମାଠାରୁ ୪କି.ମି. ଦୂର ସିଆରିଆ ଶନିମନ୍ଦିରରେ ବୃକ୍ଷରୋପଣ କରାଯାଇଥିଲା। ବୃକ୍ଷରୋପଣ ସପ୍ତାହ ଉପଲକ୍ଷେ ରିଆମାଳ ଥାନା ଅଧିକାରୀ ଗୋପବନ୍ଧୁ ବେହେରା, ଖବରଦାତା ନବକିଶୋର ମହାପାତ୍ର ଶନିମନ୍ଦିର ପ୍ରାଙ୍ଗଣରେ ଅଁଳା ଓ ବଉଳ ବୃକ୍ଷ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ତୃପ୍ତିମୟୀ ପ୍ରଧାନ, ଜ୍ୟାକ୍ସିନ ପ୍ରଧାନ, ରିଙ୍କି ପ୍ରଧାନ, ପିଙ୍କି ପ୍ରଧାନ, ପୂଜକ ଆକାଶ ଶତପଥି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସହଯୋଗ ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

# ପାଠପଢ଼ା ଛାଡ଼ି ପିଲା ମୂଲ ଲାଗିଲେ

କୁତ୍ରା,୩।୭(ଡି.ଏନ୍.ଏ.)


କୁତ୍ରା ଅଞ୍ଚଳରେ ପିଲାମାନେ ଚାଷ କାର୍ଯ୍ୟରେ ସହଯୋଗ କରୁଛନ୍ତି।

କରୋନା ଯୋଗୁ ସ୍କୁଲ ବନ୍ଦ ଥିବାରୁ ଗ୍ରାମାଞ୍ଚଳର ଗରିବ ଛାତ୍ରୀଛାତ୍ରଙ୍କ ପାଠପଢା ଏକପ୍ରକାର ବନ୍ଦ ହୋଇଯାଇଛି। ଗରିବ ଆଦିବାସୀ ପରିବାରରେ ଦାମୀ ମୋବାଇଲ ନ ଥିବାରୁ ଏହି ପରିବାରର ଛାତ୍ରୀଛାତ୍ର ଅନ୍‌ଲାଇନରେ ପଢିବା ସମ୍ଭବ ହେଉନାହିଁ। ଏପଟେ ଲକ୍‌ଡାଉନ, ଶଟ୍‌ଡାଉନ ଯୋଗୁ ଅଭିଭାବକଙ୍କ ରୋଜଗାର ବନ୍ଦ ହୋଇଯାଇଛି। ଏଭଳି ପରିସ୍ଥିତିରେ କୋମଳମତି ପିଲାଙ୍କୁ ବାଧ୍ୟ କରିଛି ଚାଷ କାର୍ଯ୍ୟରେ ସାହାଯ୍ୟ କରିବା କିମ୍ବା ଘରର ଆର୍ଥିକ ସ୍ଥିତିରେ ସହଯୋଗ କରିବା ପାଇଁ ମଜୁରୀ ଲାଗିବା। ସୁନ୍ଦରଗଡ଼ ଜିଲାର କୁତ୍ରା ବ୍ଲକର ଅନେକ ସ୍ଥାନରେ ଏପରି ସ୍ଥିତି ଦେଖାଯାଉଛି। ପାଠପଢା ଛାଡ଼ି ପିଲାମାନେ ଗ୍ରୀଷ୍ମଋତୁରେ ମହୁଲ, ଟୋଲ ଓ ଅନ୍ୟାନ୍ୟ ବନ୍ୟଜାତ ସାମଗ୍ରୀ ଗୋଟାଉଥିବାବେଳେ ବର୍ଷା ଆରମ୍ଭରେ ନିଜ ବାପା, ମା ଓ ପରିବାର ଲୋକଙ୍କୁ ଚାଷ କାର୍ଯ୍ୟରେ ସହାୟତା ପ୍ରଦାନ କରୁଛନ୍ତି। ବିଲରେ ଘାସ ବାଛିବା, ବିହନ ଓ ଗୋବର ଭଳି ସାମଗ୍ରୀ ପହଞ୍ଚାଇବା କାମ କରୁଛନ୍ତି। ଏପରିକି ଠିକଣା ସମୟରେ ବିଲକୁ ଖାଦ୍ୟ ସାମଗ୍ରୀ ନେଇ ପହଞ୍ଚାଉଛନ୍ତି। ସ୍ୱଳ୍ପ ଜମି ଓ ରୋଜଗାର ନ ଥିବା ଭୂମିହୀନ, ଗରିବ ଚାଷୀ ପରିବାରର ନାବାଳକ ଛାତ୍ରୀଛାତ୍ର ଅତି କମ୍ ମଜୁରୀରେ କାମ କରୁଛନ୍ତି। ଯେତେ ଦେଉଛନ୍ତି ଦିଅନ୍ତୁ ନୀତିରେ କାମ ମାଗୁଛନ୍ତି ଓ କରୁଛନ୍ତି। ସରକାର ଟଙ୍କିକିଆ ଚାଉଳ ଓ ଗହମ ଦେଉଥିବାବେଳେ କାହିଁକି ପିଲା ପାଠପଢା ଛାଡ଼ି କାମ କରୁଛନ୍ତି ବୋଲି ପ୍ରଶ୍ନର ଉତ୍ତରରେ ସେମାନେ କହିଛନ୍ତି ଯେ, ଲୁଣ, ତେଲ ଭଳି ସର୍ବନିମ୍ନ ଆବଶ୍ୟକତା ସାଙ୍ଗକୁ ସର୍ବନିମ୍ନ ଜୀବନଯାପନ ପାଇଁ ଯାହା ଆବଶ୍ୟକ ତାହା ସରକାର କିମ୍ବା କେହି ଦେଉନାହାଁନ୍ତି। ଏଥିପାଇଁ ବାପା' ମା ଓ ଘର ପାଇଁ କିଛି ଯୋଗାଡ଼ କରିପାରିବୁ ବୋଲି ମଜୁରୀ କରୁଛୁ ବୋଲି କହିଛନ୍ତି। ସ୍କୁଲ ଗଲେ ପାଠପଢା ସାଙ୍ଗକୁ ମଧ୍ୟାନ୍ନଭୋଜନ ମିଳୁଥିଲା। ମଜୁରୀରୁ ଦୁଇ ପଇସା ପାଇଲେ ଅନ୍ତତଃ ମୁଠାଏ ଖାଇତ ପାରିବୁ। ଚାଷ କାମରେ ମା, ବାପାଙ୍କୁ ସାହାର୍ଯ୍ୟ କରୁଥିବା ପିଲାମାନେ କହିଛନ୍ତି, ଘରେ ବସି କଣ କରିବୁ। ଚାଷ କାମରେ ଘର ଲୋକ ହଇରାଣ ହେଉଛନ୍ତି। ତେଣୁ ସାହାର୍ଯ୍ୟ କରୁଛୁ। ଆଗରୁ ସ୍କୁଲ ଗଲେ ବି ଛୁଟି ଦିନରେ ସାହର୍ଯ୍ୟ କରୁଥିଲୁ। ଏବେ ପୁରା ସାହାର୍ଯ୍ୟ କରୁଛୁ। ଗୋଟିଏ ଚାଷୀ ପରିବାରରେ ଚାଷ କାମ ବେଳେ ଜଣେ ଛୋଟ ପିଲାର ବି ଆବଶ୍ୟକତା ଥାଏ। ଏନେଇ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ କହିଛନ୍ତି, ଗ୍ରାମାଞ୍ଚଳର ଗରିବ, ଆଦିବାସୀ ପରିବାର ଗୁଡ଼ିକରେ ସଚେତନତା ଅଭାବରୁ ପିଲାମାନେ ଚାଷ କାର୍ଯ୍ୟରେ ବା ମଜୁରୀ ଲାଗିବାରେ ନିୟୋଜିତ ହେଉଛନ୍ତି। ଛାତ୍ରୀଛାତ୍ର କେମିତି ପାଠ ପଢିବେ ସେଥିପାଇଁ ଉଦ୍ୟମ ହେବା ଆବଶ୍ୟକ।

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଳେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
AIIMS/BBSR/ELE-2021/O&M 33 KV SUBSTN-I&II/106 Dated: 02nd July 2021
NOTICE INVITING E-TENDER
The All India Institute of Medical Sciences (AIIMS), Bhubaneswar invites e-Tender for "Operation and Comprehensive Annual Maintenance Contract of 33/0.433 KV Substation (I & II) and External Light with Operation Services of DG Set & UPS at Hospital Campus AIIMS, Bhubaneswar." Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website www.aiimsbhubaneswar.nic.in.
Sd/-
Executive Engineer (Electrical)
AIIMS, Bhubaneswar

## କାର୍ଯ୍ୟରେ ଯୋଗଦେଲେ ନୂଆ ଉପଜିଲାପାଳ

ଟିଟିଲାଗଡ଼,(ଡି.ଏନ.ଏ): ଟିଟିଲାଗଡ ଉପଜିଲାପାଳ ଭାବେ ମନୋଜ ମହାଜନ ଶନିବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ୨୦୧୯ ବ୍ୟାଚର ଏହି ଯୁବ ଆଇଏଏସ ଅଧିକାରୀ ପୂର୍ବରୁ ମୁରିବାହାଲ ବିଡିଓ, ବଲାଙ୍ଗୀର ପୌର ନିର୍ବାହୀ ଅଧିକାରୀ ତଥା ତହସିଲଦାର ଭାବେ କାର୍ଯ୍ୟ କରିଥିଲେ। ଏଠାରେ ଯୋଗଦେବା ପୂର୍ବରୁ ସୁକତେଲ ଜଳସେଚନ ପ୍ରକଳ୍ପର ସ୍ୱତନ୍ତ୍ର ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଏଠାକାର ଉପଜିଲାପାଳ ସୌମେଶ ଉପାଧ୍ୟାୟଙ୍କୁ କଳାହାଣ୍ଡି ଜିଲା ପିଡିଭାବେ ବଦଳି ପରେ ମହାଜନ ଏଠାରେ ଯୋଗଦେଇଛନ୍ତି।

**ସଂକ୍ଷେପରେ**

### ଜେଇଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ସମ୍ବଲପୁର,୩।୭(ବ୍ୟୁରୋ):** ଗ୍ରାମ୍ୟ ଜଳ ଯୋଗାଣ ବିଭାଗ (ଆରଡବ୍ଲ୍ୟୁଏସ୍ଏସ୍) ଜେଇ ଶିବଶଙ୍କର ନାୟକଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ସେ ସମ୍ବଲପୁର ଜିଲା ଶାସନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ଶୁକ୍ରବାର ଅପରାହ୍ନ ୧ଟାରେ ପିଇଓ ଧର୍ମେନ୍ଦ୍ର କୁମାର ନାଥ, ଗୋବର୍ଦ୍ଧନ ତରିଆ, ଦିଲୀପ ବଡ଼େଇଙ୍କ ସହ ଜେଇ ନାୟକ ପରମାଣପୁରଠାରେ ନିର୍ମାଣ ହେଉଥିବା ପାର୍କ କାମ ତଦାରଖ ପାଇଁ ଯାଇଥିଲେ। ସେ ସମୟରେ ସେସୁଆଁତଲ ଗ୍ରାମର ଶ୍ୟାମସୁନ୍ଦର ଶର୍ମା, ଠେମରା ଗ୍ରାମର ସୌରଭ ଧର ପହଞ୍ଚି ଜେଇଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲେ। ଏହାକୁ ଗୋବର୍ଦ୍ଧନ ବିରୋଧ କରିବାରୁ ତାଙ୍କୁ ମଧ ଗାଳିଗୁଲଜ କରିଥିଲେ। ଜେଇ ନାୟକ ଏ ନେଇ ମାନେଶ୍ୱର ବିଡିଓଙ୍କୁ ଅବଗତ କରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ. ୧୬୦/୨୧ରେ ମାମଲା ରୁଜୁ କରି ସମ୍ପୃକ୍ତ ଦୁଇ ଯୁବକଙ୍କୁ ଥାନାରେ ଅଟକ ରଖିଛି।

### ଫରେଷ୍ଟର ହାଉସ୍ ଲୋକାର୍ପିତ

**ବ୍ରଜରାଜନଗର, ୩।୭ (ଡି.ଏନ.ଏ.):** ସ୍ଥାନୀୟ ରାଜପୁର ପଞ୍ଚାୟତ ରାଣୀବନ୍ଧ ପୁଟୁରାଡେରାଠାରେ ନବନିର୍ମିତ ଫରେଷ୍ଟର କ୍ୱାର୍ଟର୍ସ ଯୋବ ବିଟ୍ ହାଉସ ଲୋକାର୍ପିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ଷେତ୍ରୀୟ ବନ ମୁଖ୍ୟ ସଂରକ୍ଷକ ଚିତ୍ତରଞ୍ଜନ ମିଶ୍ର ମୁଖ୍ୟଅତିଥି, ଝାରସୁଗୁଡା ଡିଏଫ୍ଓ ଲଳିତ ପାତ୍ର, ସହକାରୀ ବନ ସଂରକ୍ଷକ ସସ୍ମିତା ସାହୁ ଓ ବ୍ରଜରାଜନଗର ରେଞ୍ଜର ଆରତି ନେଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

### ଜିଏମ୍ୟୁ ଶିକ୍ଷା ବିଭାଗରେ ଆଲୋଚନାଚକ୍ର

**ସମ୍ବଲପୁର,୩।୭ (ବ୍ୟୁରୋ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ମିଶ୍ରଣ ଶିକ୍ଷଣ ପଦ୍ଧତି ଶୀର୍ଷକ ଜାତୀୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନ୍‌ଲାଇନ ଓ ଅଫ୍‌ଲାଇନ ଶିକ୍ଷଣ ପ୍ରଦ୍ଧତି ସମ୍ମିଶ୍ରଣ ବିଷୟରେ ବକ୍ତାମାନେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍ ନାଗାରାଜୁ ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷା ବିଭାଗୀୟ ମୁଖ୍ୟ ଡ. ପାର୍ଥସାରଥି ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ । ନୂଆଦିଲ୍ଲୀ ଏନ୍‌ୟୁପିଏ ଆଇସିଟି ପ୍ରଫେସର କେ. ଶ୍ରୀନିବାସ ଭର୍ଚୁଆଲ ଜରିଆରେ ବକ୍ତା ଭାବେ ଯୋଗଦେଇଥିଲେ। ଜିଏମ୍ୟୁ ପିଜି କାଉନସିଲ ଅଧକ୍ଷ ପ୍ରଫେସର ମୋହିନ ମହମ୍ମଦ, ଉପକୁଳସଚିବ ଡ. ଉମାଚରଣ ପତି ଯୋଗଦେଇ ବକ୍ତବ୍ୟ ରଖିଥିଲେ।

### ବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳିତ

**କୁତ୍ରା,୩।୭(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଗୁରୁବାର ନିରାଡମ୍ବର ଭାବେ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସରେ ପ୍ରଥମେ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ ବନୱାରିଲାଲ ଅଗ୍ରୱାଲ, ବ୍ରଜମୋହନ କିଶାନ ଓ ମାୟାଧର ବେହେରାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ପରେ ବିଦ୍ୟାଳୟ ପରିସରରେ ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକଙ୍କ ନେତୃତ୍ୱରେ ସଙ୍ଗୀତା ଦେଇ, ନୂତନ ହରୋ, ବାବୁଲାଲ ଟପ୍ପୋ, ଦିଲିପ ବେହେରା, ଜାନକୀ ସିଂ, ଜଗନ୍ନାଥ କିଶାନ, ଗଣେଶ ଟପ୍ପୋ, ଅହଲ୍ୟା ଟପ୍ପୋ ପ୍ରମୁଖ ବୃକ୍ଷରୋପଣ କରିଥିଲେ ।

### ନାକଟିଦେଉଳ ସ୍ନାତକ କଲେଜରେ ବନ ମହୋତ୍ସବ



**ନାକଟିଦେଉଳ,୩।୭(ଡ଼ି.ଏନ.ଏ.):** ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ଶନିବାର ୭୨ତମ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ପରିସରରେ ବିଭିନ୍ନ ପ୍ରଜାତିର ବୃକ୍ଷ ରୋପଣ କରାଯାଇଥିଲା। ଏହି ଅବସରରେ କଲେଜ ଅଧକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଅନ୍‌ଲାଇନ ମାଧମରେ ଏକ ୱେବିନାର ଅନୁଷ୍ଠିତ ହୋଇଥିଲା। ଯୁଥ୍ ରେଡ଼କ୍ରସର ସଂଯୋଜକ ଅଧାପକ ଦେବେଶ ବିଶ୍ୱାଳ ଓ ଅଧକ୍ଷ ସାହୁ ସମସ୍ତେ ପ୍ରତିବର୍ଷ ଗୋଟିଏ ଚାରା ରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ପୁଷ୍ପାଞ୍ଜଳି ରବଣା ଧନ୍ୟବାଦ ଦେଇଥିଲେ।

# ଚାଷୀ ପ୍ରସଙ୍ଗରେ ଆନ୍ଦୋଳନ ଫଳଶୂନ୍ୟ

**ସମ୍ବଲପୁର,୩।୭(ବ୍ୟୁରୋ)**

ଚାଷୀଙ୍କ ଧାନ ବିକ୍ରି ସମସ୍ୟା ନେଇ ପଶ୍ଚିମ ଓଡ଼ିଶାରେ ଭାଜପା ଓ କଂଗ୍ରେସ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରୁଛନ୍ତି। ଅନ୍ୟପଟେ ବିଜେଡି ମଧ କେତେକ ସମସ୍ୟା ନେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷୁଛନ୍ତି। ଚାଷୀ ସଙ୍ଗଠନ ବିଭିନ୍ନ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଉଛନ୍ତି। କେବଳ ସମ୍ବଲପୁର ନୁହେଁ ପଶ୍ଚିମ ଓଡ଼ିଶାର ସମସ୍ତ ଜିଲାରେ ଜୋର୍‌ଦାର ଆନ୍ଦୋଳନ ହେଉଛି। ହେଲେ ଚାଷୀ ପ୍ରସଙ୍ଗରେ ଆନ୍ଦୋଳନ ଫଳଶୂନ୍ୟ ଭଳି ରହୁଛି।

ଗତ ଖରିଫ ଧାନ ସଂଗ୍ରହ ସମୟରେ ଚାଷୀଙ୍କ ସମସ୍ତ ଧାନ କିଣିବା, ଟୋକନ ବ୍ୟବସ୍ଥା ଉଚ୍ଛେଦ, ଆଇରିସ ପଦ୍ଧତି ବାଦ୍ ଦେବା, କଟ୍‌ନୀଛଟ୍‌ନୀ ବନ୍ଦ କରିବା ଆଦି ଦାବି ଉପରେ ଆନ୍ଦୋଳନ ହୋଇଥିଲା। ଘଣ୍ଟା ଘଣ୍ଟା ଧରି ଜାତୀୟ ଓ ରାଜ୍ୟ ରାଜପଥ ଅବରୋଧ କରାଯାଇଥିଲା। ସିଏସ୍ଓ ଅଫିସ, ଉପଜିଲାପାଳଙ୍କ ଅଫିସ ଆଗରେ ଧାନ ବସ୍ତା ରଖି ମଧ ପ୍ରତିବାଦ କରାଯାଇଥିଲା। ହେଲେ କିଛି ସୁଫଳ ମିଳିଲା ନାହିଁ। ରବି ଧାନ ସଂଗ୍ରହ ସମୟରେ ପୁଣି ସମାନ ନିୟମ ଲାଗୁ ହୋଇଥିଲା। ହେଲେ ଏହି ସମୟରେ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଅଦିନିଆ ବର୍ଷା, ବାତ୍ୟା ଯୋଗୁ ଫସଲ ନଷ୍ଟ ହୋଇଯାଇଥିଲା। ଫସଲ ଅମଳରେ ବିଳମ୍ବ ଯୋଗୁ ଶତାଧିକ ଚାଷୀଙ୍କ ଟୋକନ ଲାପ୍ସ ହୋଇଯିବାରୁ ଧାନ ବିକ୍ରି ନ ହୋଇ ରହିଯାଇଛି। ସରକାରଙ୍କ ନିୟମ ଅନୁସାରେ ଜୁନ୍ ୩୦ ତାରିଖରୁ ଧାନ ସଂଗ୍ରହ ବନ୍ଦ ହୋଇଯାଇଛି। ଏବେ ଚାଷୀ ପ୍ରସଙ୍ଗ ନେଇ ଭାଜପା ଆନ୍ଦୋଳନକୁ ଓହ୍ଲାଇଛି। ରାସ୍ତାରୋକୋ, ସିଏସ୍ଓ ଅଫିସ ଘେରାଉ ସହ ଆଗକୁ ଆହୁରି ଆନ୍ଦୋଳନ କରାଯିବ ବୋଲି ନେତାମାନେ କହୁଛନ୍ତି। ସେହିପରି କଂଗ୍ରେସ ଦରଦାମ୍ ବୃଦ୍ଧି ଓ ଚାଷୀ ପ୍ରସଙ୍ଗକୁ ନେଇ ଆନ୍ଦୋଳନ କରୁଛି। ହେଲେ ସେଭଳି ଆଖିଦୃଶିଆ ପ୍ରତିବାଦ କିମ୍ବା ବିରୋଧ କରାଯାଉ ନାହିଁ। ଅନ୍ୟପଟେ ଧାନ ସଂଗ୍ରହ କେନ୍ଦ୍ର ସରାକରଙ୍କ ଅଧୀନରେ ହୋଇଥାଏ କହି ଶାସକ ଦଳ ବିଜେଡି ନିଜ ମୁଣ୍ଡରୁ ଦୋଷ ଛଡାଉଛି। ଚାଷୀଙ୍କୁ ବୋନସ ଦେବା, କ୍ଷତିପୂରଣ ପ୍ରଦାନ କରିବା ଭଳି ଦାବିକୁ କର୍ଣ୍ଣପାତ କରୁ ନ ଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ରାଜନେତାମାନେ ଜନତାଙ୍କ ସ୍ୱାର୍ଥ ଜଡିତ ବିଭିନ୍ନ ସାମଗ୍ରୀର ଦର ବୃଦ୍ଧିକୁ ଅଣଦେଖା କରୁଥିବାରୁ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଭିନ୍ନ ମତ ପ୍ରକାଶ ପାଉଛି।

**ଦରଦାମ୍ ବୃଦ୍ଧିକୁ ନେତାଙ୍କ ଅଣଦେଖା**

ଏ ସମ୍ପର୍କରେ ଭାଜପା କୃଷକ ମୋର୍ଚ୍ଚା ଜିଲା ସଭାପତି ସମୀର ରଞ୍ଜନ ବାବୁ କହିଛନ୍ତି, ଭାଜପା ଚାଷୀମାନଙ୍କ ପାଇଁ ଲଢେଇ କରୁଛି। ହେଲେ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇ କାର୍ଯ୍ୟକାରୀ କରୁନାହାନ୍ତି। ଜୁନ ୩୦ ତାରିଖ ଭିତରେ ପ୍ରକୃତ ଚାଷୀଙ୍କ ଧାନ ସଂଗ୍ରହ ହେବ ବୋଲି କହିଥିଲେ। ହେଲେ ନ ହେବାରୁ ଆନ୍ଦୋଳନ କରାଯାଉଛି। ବର୍ତ୍ତମାନ ସମୟରେ ତେଲ ଓ ଅନ୍ୟ ସାମଗ୍ରୀର ଦରଦାମ୍ ବୃଦ୍ଧିକୁ ନେଇ ଆନ୍ଦୋଳନ କରିବା ପାଇଁ କୌଣସି ନିଷ୍ପତ୍ତି ହୋଇ ନ ଥିବା କହିଥିଲେ। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ କହିଛନ୍ତି, ଚାଷୀ ସମସ୍ୟା ମନୁଷ୍ୟକୃତ। ଏଥିପାଇଁ ରାଜନେତା, ଅଫିସର ସମସ୍ତେ ଦାୟୀ। ଧାନ ସଂଗ୍ରହ ସମୟରେ ଭାଜପା, କଂଗ୍ରେସ ଆନ୍ଦୋଳନ କରିବାର ଥିଲା। ଏବେ ସମୟ ସରିବା ପରେ ଆନ୍ଦୋଳନ କରି ଲାଭ ନାହିଁ। କେବଳ ରାଜନୀତି କରାଯାଉଛି। ପୂର୍ବତନ କୃଷକ ଜନତା ଦଳ ରାଜ୍ୟ ସମ୍ପାଦକ ମନୋଜ ମହାପାତ୍ର କହିଛନ୍ତି, ଭାଜପା କୁମ୍ଭୀର କାନ୍ଦଣା କାନ୍ଦୁଛି। ସ୍ୱାମୀନାଥନ୍ କମିଶନ ରିପୋର୍ଟକୁ ଆଧାର କରି ଧାନର ଏମ୍ଏସ୍‌ପି ବୃଦ୍ଧି ନ କରି ଆନ୍ଦୋଳନ କରୁଛି। ରାଜ୍ୟ ସରକାର ସବୁ ସମୟରେ ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ କାମ କରି ଆସୁଛନ୍ତି ଓ ଆଗକୁ ମଧ କରିବେ। ଅନ୍ୟପଟେ କିଷାନ କଂଗ୍ରେସ ଜିଲା ସଭାପତି ଗୋବିନ୍ଦ ମିଶ୍ର କହିଛନ୍ତି, ସରକାରଙ୍କ ଉପରେ ଚାପ ପକାଇବା ପାଇଁ ଆନ୍ଦୋଳନ କରାଯାଉଛି। ଯେ ପର୍ଯ୍ୟନ୍ତ ଜିଲାସ୍ତରୀୟ କମିଟି ଦ୍ୱାରା ଧାନ ସଂଗ୍ରହ ନିୟମ ନିର୍ଦ୍ଧାରଣ ନ ହେବ ଚାଷୀଙ୍କ ସମସ୍ୟା ଦୂର ହେବ ନାହିଁ।

# ଏମ୍‌ପିଙ୍କ ଉପସ୍ଥିତିରେ ୧୦ହଜାର ଚାରା ରୋପଣ



ଚାରା ରୋପଣ କାର୍ଯ୍ୟକ୍ରମରେ ସମ୍ବଲପୁର ଏମ୍‌ପିଙ୍କ ସମେତ ଅନ୍ୟମାନେ।

**ଜମନକିରା, ୩।୭(ଡି.ଏନ.ଏ.)**

ଜମନକିରା ବ୍ଲକ୍ ବାମରା ବନଖଣ୍ଡ ଅଧୀନ ଫାଶିମାଲ ସେକ୍ସନର କସଡ଼ା, ବଡ଼ଲଙ୍ଗାବାହାଲ ଓ କେନ୍ଦେଇମାଲ ଗ୍ରାମରେ କାର୍ଯ୍ୟରତ କେବିକେ ବନ ସୁରକ୍ଷା ସମିତି ପକ୍ଷରୁ ବଡ଼ଲଙ୍ଗାବାହାଲ ଛକ ନିକଟ ପଡ଼ିଆରେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବଙ୍କ ଉପସ୍ଥିତିରେ ୧୦ ହଜାର ଚାରା ରୋପଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଏମ୍‌ପି ଗଙ୍ଗଦେବ ମୁଖ୍ୟଅତିଥି ଓ ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ବାମରା ଏସିଏଫ୍ ଶୌରଭେନ୍ଦ୍ର ସିଂ, ଜମନକିରା ରେଞ୍ଜର ଲକ୍ଷ୍ମୀନାରାୟଣ ନାଏକ, ଜମନକିରା ଥାନା ଆଇଆଇସି ପ୍ରେମଜିତ ଦାଶ, ଚାଷୀ ନେତା କୁଷଧ୍ୱଜ ଚୌଧରୀ, ଫରେଷ୍ଟର ସୁନିତା ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କେବିକେ ବନ ସୁରକ୍ଷା ସମିତି ସଭାପତି ବିରେନ୍ଦ୍ର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ ପ୍ରତିନିଧି ସୁନିଲ ମୁଦୁଲି, ଜମନକିରା ମଣ୍ଡଳ ସଭାପତି ଅମୋଘ ବୈରୀଗଞ୍ଜନ ପାଣିଗ୍ରାହୀ, ଭାଜପା ନେତା ଦିଲୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଫ୍ଲାଏଓଭର ନିର୍ମାଣରେ ବିଳମ୍ବ: ଅଗଷ୍ଟ ସୁଦ୍ଧା ନ ସରିଲେ ଲୋକାର୍ପଣ କରିବାକୁ ଓକିଲ ସଂଘର ଚେତାବନୀ

**ସମ୍ବଲପୁର,୩।୭ (ବ୍ୟୁରୋ)**




ସମ୍ବଲପୁରରେ ନିର୍ମାଣାଧୀନ ଫ୍ଲାଏଓଭର ଦୀର୍ଘ ୬ ବର୍ଷ ହେଲା ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଫ୍ଲାଏଓଭର କାମ ଶେଷ ହୋଇଥିବା ବେଳେ ଧୁଚୁରାପଡା ନିକଟରେ କିଛି କାମ ବାକି ରହିଛି ଓ ସର୍ଭିସ ନିର୍ମାଣ ହୋଇ ପାରୁନାହିଁ। ଜୁଲାଇ ଶେଷ ସୁଦ୍ଧା ଜମି ଅଧିଗ୍ରହଣ କରି ସର୍ଭିସ ରୋଡ କାମ ସମ୍ପୂର୍ଣ୍ଣ ନ କଲେ ଅଗଷ୍ଟ ପହିଲାରୁ ଜିଲା ଓକିଲ ସଂଘ ଫ୍ଲାଏ ଓଭରରେ ଦିଆଯାଇଥିବା ବ୍ୟାରିକେଡ୍ ଖୋଲି ଜନସାଧାରଣଙ୍କ ପାଇଁ ଖୋଲିଦେବ ବୋଲି ସଂଘ ସଭାପତି ଡ. ପ୍ରମୋଦ ରଥ କହିଛନ୍ତି। ସେ ଏ ନେଇ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀଙ୍କୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, କେତେକ ବ୍ୟକ୍ତିଙ୍କ ସ୍ୱାର୍ଥ ଦୃଷ୍ଟିରୁ ସାମୂହିକ ସ୍ୱାର୍ଥକୁ ଏଠାରେ ବଳି ପକାଯାଉଛି। ସରକାର ଓ ପ୍ରଶାସନ ଚାହିଁଲେ ଜମି ଅଧିଗ୍ରହଣ କରିପାରିବେ। ୨୦୧୪ ମସିହାରୁ ତିନିଜଣ ଜିଲାପାଳ ଓ ୫ଜଣ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ ବଦଳି ହୋଇସାରିଛି। କୌଣସି ଅଧିକାରୀ ଫ୍ଲାଏଓଭର ନିର୍ମାଣକୁ ଗୁରୁତ୍ୱ ଦେଉନାହାନ୍ତି। ଆଇନ ଆଳ ଦେଖାଇ ବାହାନା କରୁଛନ୍ତି। ବାରମ୍ବାର ଫ୍ଲାଏଓଭର ଡ୍ରଇଂ ବଦଳା ଯାଉଛି। ଦ୍ୱିତୀୟ ଥର କରାଯାଇଥିବା ଡ୍ରଇଂରେ କାମ କରାହୋଇଛି। ହେଲେ ଆଜି ପର୍ଯ୍ୟନ୍ତ ବ୍ୟୟ ଅଟକଳ କରି ଠିକା ସଂସ୍ଥା ସହିତ ପୂର୍ତ୍ତ ବିଭାଗ ଚୁକ୍ତି କରୁନାହିଁ। ଠିକାଦାରଙ୍କୁ କାମର ବିଲ୍ ଦିଆଯାଉ ନାହିଁ। ଫଳରେ ଠିକାଦାର ଏବେ କାମ କରିବାରେ ସମସ୍ୟା ହେଉଛି। ସୂଚନାଯୋଗ୍ୟ ୨୦୧୬ରୁ ଫ୍ଲାଏଓଭର କାମ ଆରମ୍ଭ ହୋଇଥିଲା। ପ୍ରଥମେ ଧୁଚୁରାପଡାରୁ ମ୍ୟୁନିସିପାଲିଟି ଛକ ପର୍ଯ୍ୟନ୍ତ କରାଯିବାକୁ ଯୋଜନା ରହିଥିଲା। ପରେ ଲୋକଙ୍କ ଦାବି ଅନୁସାରେ ଏହା ଧୁଚୁରାପଡାରୁ କଚେରି ଛକ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଥିଲା।

## ବିଦ୍ୟୁତ୍ ଖୁଣ୍ଟରୁ ଖସିପଡ଼ି ଲାଇନମ୍ୟାନ ମୃତ

**ଦେବଗଡ଼, ୩।୭(ଡି.ଏନ୍.ଏ)**

ଦେବଗଡ଼ ବିଦ୍ୟୁତ୍ ଡିଭିଜନ ବାରକୋଟ ସେକ୍ସନ ଅଧୀନରେ କାର୍ଯ୍ୟରତ ଲାଇନମ୍ୟାନ ପୁରୁଷୋତ୍ତମ ବାଡା(୪୦)ଙ୍କ ଶନିବାର ବିଦ୍ୟୁତ୍ ଖୁଣ୍ଟରୁ ଖସିପଡି ମୃତ୍ୟୁ ଘଟିଛି। ରାଜଗାଙ୍ଗପୁର ଅଞ୍ଚଳର ପୁରୁଷୋତ୍ତମ ବାରକୋଟ ସ୍ଥିତ ନିର୍ମାଣକାରୀ ସଂସ୍ଥା ଓରିଏଣ୍ଟାଲର ଅସ୍ଥାୟୀ କ୍ୟାମ୍ପ ନିକଟରେ ଥିବା ୧୧ କେଭି ବିଦ୍ୟୁତ୍ ଖୁଣ୍ଟରେ ଚଢି ମରାମତି କରୁଥିବାବେଳେ ହଠାତ ତଳେପଡ଼ି ସଂଜ୍ଞାହୀନ ହୋଇଥିଲେ। ବାରକୋଟ ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରି ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବାରକୋଟ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲେ।

## ନାକଟିଦେଉଳ ଅଞ୍ଚଳରେ ହାତୀ ଉପଦ୍ରବ

**ନାକଟିଦେଉଳ,୩।୭(ଡ଼ି.ଏନ.ଏ.)**



ନାକଟିଦେଉଳ ଅଞ୍ଚଳରେ ପଶିଥିବା ହାତୀ।

ନାକଟିଦେଉଳ ବନାଞ୍ଚଳରେ ଗତ କିଛିଦିନ ହେଲା ଜଙ୍ଗଲୀ ହାତୀ ଉପଦ୍ରବ ଜାରି ରହିଛି। ଗ୍ରାମବାସୀଙ୍କ କହିବା କଥା ହାତୀ ପଲରେ ଦନ୍ତା ଓ ଛୁଆ ମିଶି ୧୨ଟି ହାତୀ ରହିଛନ୍ତି। ସନ୍ଧ୍ୟା ହେବା ମାତ୍ରେ ହାତୀ ପଲ ନିକଟସ୍ଥ ଜଙ୍ଗଲରୁ ଗାଁ ମୁଣ୍ଡକୁ ଆସି ଉପଦ୍ରବ କରୁଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ହାତୀ ପଲ ବିଏସ୍ଏନ୍ଏଲ୍ ଟାୱାର ନିକଟରେ ଥିବା ତିନିଜଣ ବ୍ୟକ୍ତିଙ୍କ ଆମ୍ବ ଓ କାଜୁ ବଗିଚା ଭିତରେ ପଶି ନଷ୍ଟ କରିଛନ୍ତି। ପରେ ସେମାନେ ପାଣ୍ଡୁନାଳୀ ଓ କୁଟାସିଙ୍ଗା ଗାଁ ମୁଣ୍ଡରେ ଥିବା ପୋଟଳ କ୍ଷେତରେ ପଶି ପୋଟଳ ଖାଇଯିବା ସହ ଗଛଗୁଡ଼ିକ ଦଳିଚକଟି ନଷ୍ଟ କରିଦେଇଛନ୍ତି। ସନ୍ଧ୍ୟା ହେବା ମାତ୍ରେ ହାତୀ ଭୟ ରହୁ ଥିବାରୁ ନାକଟିଦେଉଳ-ବାଟଗାଁ ରାସ୍ତାରେ ଲୋକେ ଯାତାୟାତ କରିବାକୁ ନିରାପଦ ମଣୁନାହାନ୍ତି। ବନ କର୍ମଚାରୀ ଗ୍ରାମବାସୀଙ୍କ ସହଯୋଗରେ ହାତୀ ଘଉଡ଼ାଇବା ପ୍ରୟାସ କରୁଥିଲେ ମଧ୍ୟ ହାତୀମାନେ ଅଞ୍ଚଳ ଛାଡ଼ି ଯାଉନାହାନ୍ତି।

## ସରକାରୀ ଜମିରେ ବେଆଇନ ରାସ୍ତା ଖୋଳିଦେଲେ



ଗ୍ରାମବାସୀଙ୍କ ଦ୍ୱାରା ଖୋଳାଯାଇଥିବା ରାସ୍ତା।

**ସମ୍ବଲପୁର,୩।୭(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ୨୦ନଂ. ୱାର୍ଡ କାଇଁଶିର ଗ୍ରାମବାସୀ ଗୋଚର ଓ ଗ୍ରାମ୍ୟ ଜଙ୍ଗଲ ଜମିରେ ନିର୍ମାଣ ହୋଇଥିବା ରାସ୍ତା ଖୋଳିଦେଇ ସେଠାରେ ଖେଳପଡିଆ କରିବାକୁ ଦାବି କରିଛନ୍ତି। ଅଭିଯୋଗ କ୍ରମେ ଗ୍ରାମର ଜଣେ ବ୍ୟକ୍ତି ନିଜ ସ୍ୱାର୍ଥ ପାଇଁ ସରକାରୀ ଜମିରେ ରାସ୍ତା ନିର୍ମାଣ କରିଥିଲେ। କୋଭିଡ୍ କଟକଣାର ଫାଇଦା ନେଇ ସେ ଏଭଳି କାର୍ଯ୍ୟ କରିଥିଲେ। ଗ୍ରାମବାସୀ ଏହା ଜାଣିବା ପରେ ଏକ ବୈଠକ କରି ଗ୍ରାମ୍ୟ ଜଙ୍ଗଲର ସୁରକ୍ଷା ଓ ସରକାରୀ ଜମି ବଞ୍ଚାଇବାକୁ ନିଷ୍ପତ୍ତି ନେଇଥିଲେ। ପରେ ସେମାନେ ନିର୍ମାଣାଧୀନ ରାସ୍ତା ଖୋଳିଦେଇଥିଲେ। ଏହି ଜମିକୁ ପୁଣି ଜବରଦଖଲ କରିବାକୁ ଚେଷ୍ଟା କଲେ ଥାନାରେ ଅଭିଯୋଗ କରାଯିବ ବୋଲି ଗ୍ରାମବାସୀଙ୍କଠାରୁ ପ୍ରକାଶ। ତହସିଲଦାର ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

## କେନ୍ଦୁପତ୍ର କର୍ମଚାରୀଙ୍କ ମଜୁରି ବୃଦ୍ଧିକୁ ସ୍ୱାଗତ

**ସମ୍ବଲପୁର,୩।୭ (ବ୍ୟୁରୋ)**

ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ୨୦୧୫ ମସିହାରୁ କେନ୍ଦୁପତ୍ର ସଂସ୍ଥାର ସ୍ଥାୟୀ ୱାଚର, ଡ୍ରାଇଭର, ଅଫିସ ଆସିଷ୍ଟାଣ୍ଟଙ୍କ ଦରମା ବୃଦ୍ଧି ଦାବି କରିଆସୁଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଭାଗୀୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ ମଧ କରିଥିଲେ। ଜଙ୍ଗଲ ଓ ପରିବେଶ ବିଭାଗ ଦାବିକୁ ସ୍ୱୀକୃତି ଦେବା ପରେ ମୁଖ୍ୟ ଶାସନ ସଚିବ ଓ ବିଭାଗୀୟ ଯନ୍ତ୍ରୀ ତଥା ସରକାରଙ୍କ ମଞ୍ଜୁରି ମିଳିଥିଲା। ୨୦୨୧ ଏପ୍ରିଲରୁ ନୂଆ ମଜୁରି କାର୍ଯ୍ୟକାରୀ ହେବ। ଏ ନେଇ ଜୁଲାଇ ୧୭ରେ ସରକାରଙ୍କ ଅତିରିକ୍ତ ସଚିବ ପତ୍ର ମାଧମରେ କେନ୍ଦୁଲିଫ୍ ପିସିସିଏଫ୍‌ଙ୍କୁ ଜଣାଇଛନ୍ତି। ମଜୁରି ବୃଦ୍ଧି ଦ୍ୱାରା ୬୪୪ ୱାଚର, ୨୩ ଡ୍ରାଇଭର ଓ ଅଫିସ ଆସିଷ୍ଟାଣ୍ଟ ଉପକୃତ ହେବେ। ଏହାକୁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ ମହାନ୍ତି ଓ ସାଧାରଣ ସମ୍ପାଦକ ଗୋକୁଳ ମେହେର ସ୍ୱାଗତ କରିଛନ୍ତି।

## ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ



ଆୟୋଜିତ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ ।

**ସମ୍ବଲପୁର,୩।୭ (ବ୍ୟୁରୋ)**

ସମ୍ବଲପୁର ରେଳମଣ୍ଡଳ ସଭାକକ୍ଷରେ ୬୯ତମ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଗତି ରିପୋର୍ଟର ସମୀକ୍ଷା କରିଥିଲେ। ଏଥିସହ ହିନ୍ଦୀ ଭାଷାରେ ଦୈନନ୍ଦିନ କାର୍ଯ୍ୟ ବୃଦ୍ଧି ଲାଗି ଆହ୍ୱାନ ଦେଇଥିଲେ। ଅତିରିକ୍ତ ମୁଖ୍ୟ ରାଜଭାଷା ଅଧିକାରୀ ତଥା ଅତିରିକ୍ତ ରେଳ ପ୍ରବନ୍ଧକ ଏଲ୍‌ଭିଏସ୍ଏସ୍ ପାତ୍ରୁଡୁ ରାଜଭାଷା କାର୍ଯ୍ୟକଳାପ ବିଷୟରେ ସୂଚନା ଦେଇଥିଲେ। ରାଜଭାଷା ଅଧିକାରୀ ମୋହନିଶ ବ୍ରହ୍ମ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ମିଆଁୱାକି ପ୍ଲାଣ୍ଟେଶନ ପ୍ରଣାଳୀରେ ହେବ ଚାରା ରୋପଣ

**ଝାରସୁଗୁଡ଼ା ଅଫିସ,୩।୭**

ଝାରସୁଗୁଡ଼ା ଫରେଷ୍ଟ ଡିଭିଜନ ତରଫରୁ ଶନିବାର ମାଳିମୁଣ୍ଡାସ୍ଥିତ ଇକୋପାର୍କ ନିକଟରେ ୭୨ତମ ଜିଲାସ୍ତରୀୟ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟଅତିଥି ଓ ଅତିରିକ୍ତ ଜିଲା ଜଜ୍ ମଦନ କେଡିଆ, ଜିଲାପାଳ ସରୋଜ ସାମଲ, ଏସ୍‌ପି ବିକାଶ ଚନ୍ଦ୍ର ଦାସ, ଡିଏଫ୍ଓ ଲଳିତ ପାତ୍ର, ଉପଜିଲାପାଳ ଶିବ ଟପ୍ପୋ, ବାର୍ ଆସୋସିଏଶନ ସଭାପତି ତ୍ରିନାଥ ଗୁଆଲ, ତହସିଲଦାର କୁଳମଣି ରଣବିଡା, ଏସିଏଫ୍ ସସ୍ମିତା ସାହୁ, ରେଞ୍ଜର ପ୍ରଦୀପ୍ତ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲାରେ ବନ ବିଭାଗ ତରଫରୁ ମିଆଁୱାକି ପ୍ଲାଣ୍ଟେଶନ ପ୍ରଣାଳୀରେ ଚାରା ରୋପଣ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ନେଇ ଡ୍ରଇଁ ଓ ସ୍ଲୋଗାନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା।



ଅତିଥିମାନେ ଚାରା ରୋପଣ କରୁଛନ୍ତି।

## ଚିକିତ୍ସାଧୀନ ଅବସ୍ଥାରେ ଡିଏଚ୍‌ଏଚ୍‌ରେ ଅନଶନ

**ଝାରସୁଗୁଡ଼ା ଅଫିସ,୩।୭**

୯ଦଫା ଦାବିନେଇ ଏମ୍‌ସିଏଲ୍ ବିସ୍ଥାପିତ ଦର୍ଲିପାଲି ଗ୍ରାମର ଅମୋଦ ଓରାମ, ଲବ ଓରାମ, କୈକେୟୀ ଓରାମ ଓ ମମତା ସିଂହ ଗତ ସୋମବାରରୁ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଥିଲେ। ଏହାକୁ ଲଖନପୁର କୋଇଲା ଖଣି ବିସ୍ଥାପିତ ସଂଗ୍ରାମ ସମିତି, ବିସ୍ଥାପିତ ଗ୍ରାମବାସୀ ଓ ବିଭିନ୍ନ ରାଜନୈତିକ ଦଳ ସମର୍ଥନ ଜଣାଇଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ କୌଣସି କର୍ଣ୍ଣପାତ କରୁ ନ ଥିବାବେଳେ ଅନଶନକାରୀଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିବାରେ ଲାଗିଛି। ଏଭଳିସ୍ଥିତିରେ ଡାକ୍ତରଙ୍କ ପରାମର୍ଶକ୍ରମେ ପୋଲିସ ଅନଶନକାରୀଙ୍କୁ ଶନିବାର ଉଠାଇନେଇ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ସାଲାଇନ୍ ଲଗାଯାଇଥିବା ସତ୍ତ୍ୱେ ସେମାନେ ଡାକ୍ତରଖାନାରେ ଅନଶନ ଜାରି ରଖିଛନ୍ତି। ଅନ୍ୟପକ୍ଷେ ଆନ୍ଦୋଳନ ସ୍ଥଳରୁ ଅନଶନକାରୀଙ୍କୁ ପୋଲିସ ଉଠାଇନେବା ପରେ ସେହି ସ୍ଥାନରେ ଗ୍ରାମର ଅନ୍ୟ ୨ଜଣ ବିସ୍ଥାପିତ ରିଲେ ଅନଶନରେ ବସିଛନ୍ତି। ସେମାନେ ହେଲେ ଗ୍ରାମର ସୁରେଶ ସିଂହ ଓ ଜଗବନ୍ଧୁ କରାଳୀ। ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ। ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ଜିଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ବିସ୍ଥାପିତଙ୍କ ପାଇଁ ସରକାର ସ୍ୱତନ୍ତ୍ର ନିୟମ ପ୍ରଣୟନ କରିଥିବାବେଳେ ଏହାକୁ କମ୍ପାନୀ ଅଣଦେଖା କରିଚାଲିଛି। ଫଳରେ ବିସ୍ଥାପିତମାନେ ନିଜର ହକ୍‌ରୁ ବଞ୍ଚିତ ହେଉଛନ୍ତି ବୋଲି ସଂଗ୍ରାମ ସମିତି ସଭାପତି ବିରଞ୍ଚି ସାହୁ ଅଭିଯୋଗ କରିଛନ୍ତି।



ଜିଲା ମୁଖ୍ୟ ଚିକିତ୍ସାଳୟରେ ଅନଶନକାରୀଙ୍କ ଆନ୍ଦୋଳନ ଜାରି ।

**ଅନଶନକାରୀଙ୍କୁ ଉଠାଇନେଲା ପୋଲିସ**

## ମଦ ପିଇ ଶିକ୍ଷକ ନିଲମ୍ବିତ

ନୂଆପଡା ଅଫିସ: ମଦ ପିଇ ସ୍କୁଲ ଆସିଥିବାରୁ ଜଣେ ଶିକ୍ଷକଙ୍କୁ ନୂଆପଡା ଜିଲା ଶିକ୍ଷାଧିକାରୀ ସୁଧାଂଶୁ ଶେଖର ମିଶ୍ର ଶନିବାର ନିଲମ୍ବିତ କରିଛନ୍ତି। ନିଲମ୍ବିତ ଶିକ୍ଷକ ହେଲେ କୋମନା ବ୍ଲକ ଜଡାମୁଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ କେଶବ ଚନ୍ଦ୍ର ବରିହା। ସୂଚନା ଅନୁସାରେ, ଶନିବାର ଜିଲା ଶିକ୍ଷାଧିକାରୀ ଜଡାମୁଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ଏହି ସମୟରେ ଶିକ୍ଷକ ବରିହା ମଦ ପିଇ ମାତାଲ ଅବସ୍ଥାରେ ଥିବା ଡିଇଓ ମିଶ୍ର ଦେଖିବାକୁ ପାଇଥିଲେ। ଡିଇଓଙ୍କ ନିର୍ଦ୍ଦେଶ କ୍ରମେ କୋମନା ବିଇଓ ସରୋଜ କୁମାର ବେହେରା ପତ୍ରାଙ୍କ ନଂ-୧୦୧୧ ତା-୩/୭/୨୦୨୧ ଅନୁଯାୟୀ କାର୍ଯ୍ୟରେ ଥିବା ସମୟରେ ନିଶାଦ୍ରବ୍ୟ ସେବନ କରିଥିବାରୁ ଶିକ୍ଷକ ବରିହାଙ୍କୁ ନିଲମ୍ବନ ଆଦେଶ ଦେଇଛନ୍ତି। ଭବିଷ୍ୟତରେ ଏଭଳି କାର୍ଯ୍ୟ ନ କରିବା ପାଇଁ ଉକ୍ତ ଶିକ୍ଷକଙ୍କୁ ତାଗିଦ କରାଯାଇଛି।

## ସଂକ୍ଷେପରେ

### ସୁରକ୍ଷାକର୍ମୀଙ୍କୁ ଆକ୍ରମଣ, ଥାନାରେ ଏତଲା

**ବରଗଡ଼ ଅଫିସ୍,୩।୭:** ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା)ରେ କାର୍ଯ୍ୟରତ ସୁରକ୍ଷାକର୍ମୀ, ସୁଇପରଙ୍କ ସମେତ ଅନ୍ୟ କେତେକ କର୍ମଚାରୀଙ୍କୁ ଶନିବାର ଅତର୍କିତ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ଟାଉନ ଥାନାରେ ଏତଲା ହୋଇଛି। ଏତଲା ପାଇବା ପରେ ପୋଲିସ ଏହାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ସୁରକ୍ଷାକର୍ମୀ ଲୋକେଶ ପ୍ରଧାନ, ଈଶ୍ୱର ଦାଶ, ସୁରଜ ସିଂ, ଦିଲ୍ଲିପ ମହାନନ୍ଦ, ସୁଇପର କିଶନ ସାଗର ପ୍ରମୁଖ ଡାକ୍ତରଖାନା ପରିସରରେ କାର୍ଯ୍ୟରତ ଥିଲେ। ସେତେବେଳେ କିଛି ଯୁବକ ସେଠାକୁ ପହଞ୍ଚି ସେମାନଙ୍କୁ ମାଡ଼, ଗୋଇଠା ମାରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଡାକ୍ତରଖାନା ପରିସରରେ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ସେହିପରି ସୁରକ୍ଷାକର୍ମୀ ଏବଂ ଅନ୍ୟ କର୍ମଚାରୀମାନେ କାର୍ଯ୍ୟାନୁଷ୍ଠାନ ଦାବିରେ ଥାନାକୁ ପହଞ୍ଚିଥିଲେ। ପରେ ଥାନାରେ ଏତଲା ଦେଇଥିଲେ । ପୋଲିସ ୨ଜଣଙ୍କୁ ଥାନାକୁ ଆଣି ଅଟକ ରଖିଥିବା ସୂଚନା ମିଳିଛି । ସେହିପରି ସୁରକ୍ଷାକର୍ମୀ ଦେଇଥିବା ଏତଲାକୁ ଭିତ୍ତି କରି ଅଧିକ ତଦନ୍ତ ଚାଲିଛି ବୋଲି ଥାନାଧିକାରୀ ସଦାନନ୍ଦ ପୂଜାହାରୀ କହିଛନ୍ତି ।

### ବାଇକ ସହ ଗଞ୍ଜେଇ ଜବତ

**ଉଲୁଣ୍ଡା,୩।୭ (ଡି.ଏନ.ଏ):** ଉଲୁଣ୍ଡା ଥାନା ସାମାନରୁ ବାଇକ ସହ ଗଞ୍ଜେଇ ଜବତ ହୋଇଛି। ଏଥିସହ ୨ଜଣଙ୍କୁ ଶନିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ କଣ୍ଟାମାଲ ଥାନା ଅନ୍ତର୍ଗତ ରୁଣ୍ଡିମହୁଲର ବିଶ୍ୱାମିତ୍ର କଅଁର ଏବଂ ସେଲାମାଲର ସୁଶୀଲ କଅଁର। ସକାଳୁ ବିଶ୍ୱାମିତ୍ର ଏବଂ ସୁଶୀଲ ସେଲାମାଲଠାରୁ ବାଇକ ନଂ. ଓଡି ୨୭- ୬୯୩୭ରେ ଗଞ୍ଜେଇ ଧରି ସମ୍ବଲପୁର ପଟକୁ ଯାଉଥିଲେ। ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ଖବର ଏସଆଇ ଟଙ୍କଧର ଛତ୍ରିଆ ଥାନା ସାମନାରେ ବାଇକକୁ ଅଟକାଇ ଥିଲେ। ଡିକି ଯାଞ୍ଚପରେ ଗଞ୍ଜେଇ ଥିବା ଦେଖାଯାଇଥିଲା। ଏନେଇ ଏକ ମାମଲା ରୁଜୁ ହୋଇଛି।

### ରକ୍ତଦାନ କରି ଜୀବନ ରକ୍ଷାକଲେ ସ୍ୱେଚ୍ଛାସେବୀ

**ଦେଓଗାଁ, ୩।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଉଡାର ଗ୍ରାମର ଯୁବ ସ୍ୱେଚ୍ଛାସେବୀ ପ୍ରଭାତ ମହାନନ୍ଦ, ଶିବ ପ୍ରସାଦ ନାଗ, ବୀରେନ୍ଦ୍ର ସୁନା ପ୍ରମୁଖ ଜନୈକ ଯୁବତୀଙ୍କୁ ରକ୍ତଦାନ କରି ଜୀବନ ବଞ୍ଚାଇଛନ୍ତି। ସୂଚନାନୁସାରେ ବଲାଙ୍ଗୀରର ତିଲୋତ୍ତମା ମହାନନ୍ଦ (୧୯) ରକ୍ତହୀନତା ରୋଗରେ ଆକ୍ରାନ୍ତ ହୋଇ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚଳିତ ମାସ ୧ ତାରିଖରେ ଭର୍ତ୍ତି ହୋଇଥିଲେ । ଖବର ପାଇ ପ୍ରଭାତ ମହାନନ୍ଦ ବଲାଙ୍ଗୀର ଯାଇ ସଂପୃକ୍ତ ଯୁବତୀଙ୍କୁ ରକ୍ତଦାନ କରିଥିଲେ। ସେହିପରି ସଇଁତଲା ବ୍ଲକ ନୂଆଁପଡା ଓ ପୁଇଁନ୍ତଲା ବ୍ଲକ ମଲମଣ୍ଡା ଗାଁର ୨ଜଣ ଶିଶୁଙ୍କୁ ଶିବ ପ୍ରସାଦ ନାଗ ଓ ବୀରେନ୍ଦ୍ର ସୁନା ରକ୍ତ ଦେଇ ପ୍ରଶଂସା ସାଉଁଟିଛନ୍ତି।

### ପଞ୍ଚମହଲା ହାଇସ୍କୁଲରେ ଶିକ୍ଷକ, ଅଭିଭାବକ ବୈଠକ

**ଉଲୁଣ୍ଡା, ୩।୭ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ହାଇସ୍କୁଲ ପରିସରରେ ଶିକ୍ଷକ ଓ ଅଭିଭାବକମାନଙ୍କ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶ୍ରୀଧର ବାଘଙ୍କ ଭାପତିତ୍ୱରେ ହୋଇଥିବା ଏହି ବୈଠକରେ ସିଆରସିସି ସନ୍ତୋଷ ପାଣିଗ୍ରାହୀ ଓ ମୋ ସ୍କୁଲ ଅଭିଯାନର ସଭାପତି ବନମାଳୀ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। କୋଭିଡ ଯୋଗୁଁ ସ୍କୁଲ ବନ୍ଦ ଥିବା ବେଳେ ଛାତ୍ରୀଛାତ୍ରଙ୍କୁ ଅନଲାଇନ ମାଧମରେ ପାଠପଢାକୁ ବ୍ୟାପକ କରାଯିବା ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ଅଭିଭାବକଙ୍କ ସହଯୋଗ କାମନା କରିଥିଲେ। ଶିକ୍ଷକ ଦିଲୀପ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ବି.ସ୍ୱାତୀମଚ୍ଛ୍ୟମ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ଅବସରକାଳୀନ ସମ୍ବର୍ଦ୍ଧନା

**ବାଉଁଶୁଣୀ,୩।୭ (ଡି.ଏନ.ଏ.):** ବୌଦ୍ଧ ବ୍ଲକ ବାଉଁଶୁଣୀ ପ୍ରାଣୀ ଚିକିତ୍ସାଳୟରେ ଗୁନ୍ଦୁଲିଆ ପ୍ରାଣୀଧନ ସହାୟକ କେନ୍ଦ୍ରରେ କାର୍ଯ୍ୟରତ ପ୍ରାଣୀଧନ ନିରୀକ୍ଷକ ଦିଲୀପ କୁମାର ମିଶ୍ରଙ୍କୁ ବୁଧବାର ଦିନ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପ୍ରାଣୀ ଚିକିତ୍ସକ ବାଉଁଶୁଣୀ ଡା. ପ୍ରିୟବ୍ରତ ବେହେରାଙ୍କ ସମେତ ପ୍ରାଣୀଧନ ନିରୀକ୍ଷକ ସୂର୍ଯ୍ୟକାନ୍ତ ମେହେର ନାରାୟଣନଗର, ସୌଭାଗ୍ୟ ପ୍ରଧାନ ମୁଣ୍ଡାପଡା, ସଚ୍ଚିଦାନନ୍ଦ ଖମାରୀ ଦହ୍ୟା, ରଞ୍ଜନ ବାଘ ସାହାଜପାଲ ଏବଂ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। କୋଭିଡ ନିୟମ ଅନୁଯାୟୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।



ବରଗଡ଼ ନିଗମାନନ୍ଦ ବିହାରରେ ଜଣେ ବୁଣାକାର ମଙ୍ଗାଶାଳରେ ଶାଢ଼ି ବୁଣୁଛନ୍ତି।



ବରଗଡ଼ ନିଗମାନନ୍ଦ ବିହାରରେ ଦୁଇ ମହିଳା ଶାଢ଼ି ବୁଣାକାମ କରୁଛନ୍ତି।

# ବୁଣାକାରଙ୍କୁ ପ୍ରୋତ୍ସାହନ ଲୋଡ଼ା

**ବରଗଡ଼ ଅଫିସ୍,୩।୭**

ସମ୍ବଲପୁରୀ ହସ୍ତତନ୍ତ, ବାନ୍ଧକଳା ଯୋଗୁ ବରଗଡ଼ ଜିଲାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଦେଶ, ବିଦେଶରେ ସମ୍ବଲପୁରୀ ବସ୍ତ୍ର ତଥା ବାନ୍ଧଶାଢ଼ିର ଚାହିଦା ରହିଛି। କିନ୍ତୁ ଯେଉଁ ବୁଣାକାରଙ୍କ ବାନ୍ଧକଳା ଜିଲା ପାଇଁ ଗୌରବ ଆଣିପାରିଛି, ଲକ୍ ଡାଉନ୍ ଆଜି ସେମାନଙ୍କ ଜୀବନ ଜୀବିକାକୁ ଉଜାଡ଼ି ଦେଇଛି। କରୋନାର ପ୍ରଥମ ଲହରରେ ବୁଣାକାରଙ୍କୁ କ୍ଷତି ସହିବାକୁ ପଡ଼ିଥିଲା। ଦ୍ୱିତୀୟ ଲହର ମଧ୍ୟ ସେମାନଙ୍କ ଜୀବିକାକୁ ପ୍ରଭାବିତ କରିଛି। ବେପାର ଠପ୍ ପଡ଼ିଯାଇଛି। ମଙ୍ଗାଶାଳ କାଁ ଭାଁ ଚାଲିଛି। ବୁଣାକାରଙ୍କ ନିର୍ଭରଯୋଗ୍ୟ ବରଗଡ଼ ସହର ଉପକଣ୍ଠ ବେହେରା-ବାଲିଜୁରୀରେ ଥିବା କପଡ଼ା ବଜାର ବନ୍ଦ ରହିଛି। ସେମାନଙ୍କ ପ୍ରସ୍ତୁତ ଶାଢ଼ି ଘରେ ଗଦା ହୋଇ ରହିଛି। ଅନ୍ୟପଟେ ସମ୍ବଲପୁରୀ ବାନ୍ଧକଳା ଡିଜାଇନକୁ ନକଲ କରି ପ୍ରସ୍ତୁତ ଛାପା ଶାଢ଼ି ବଜାରକୁ ପ୍ରବେଶ କରୁଛି। ଏଭଳି ସ୍ଥିତିରେ ପରିବାର ଚଳାଇବା କଷ୍ଟସାଧ୍ୟ ହୋଇ ପଡ଼ିଛି। ବୁଣାକାରଙ୍କ ଜୀବନ ଦୁର୍ଦ୍ଦିନରେ ଗତି କରୁଛି। ଏହି କ୍ରମରେ ଶନିବାର ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧ ନିଗମାନନ୍ଦ ବିହାରରେ ରହୁଥିବା କିଛି ବୁଣାକାରଙ୍କୁ ଭେଟିଥିଲୁ।

### ସଙ୍କଟରେ ଜୀବିକା



ଶାଢ଼ି ବୁଣିବା ଆମର କୌଳିକ ବୃତ୍ତି। ବଂଶାନୁକ୍ରମିକ ଭାବେ ଏହାକୁ ନିଜର ଜୀବିକା ଭାବେ ଆଦରି ନେଇଛୁ। କିନ୍ତୁ ବୁଣାକାରଙ୍କ ପାଇଁ କିଛି ସହାୟତା ଏଯାଏ ଆମକୁ ମିଳିପାରିନାହିଁ। ଅନ୍ୟପଟେ ଲକ୍ ଡାଉନ ଯୋଗୁ ବହୁତ କ୍ଷତି ସହିବାକୁ ପଡୁଛି। ଶାଢ଼ି ବୁଣିଛୁ, ମାତ୍ର ସେଗୁଡିକ ବିକ୍ରିବଟା ହୋଇପାରୁନାହିଁ। ଏଭଳି ବିପର୍ଯ୍ୟୟ ସମୟରେ ସରକାର କିଛି ପ୍ରୋତ୍ସାହନ କିମ୍ବା ସହାୟତା ଯୋଗାଇ ଦେଲେ ଉପକୃତ ହୁଅନ୍ତୁ ।

**କିଶୋର କୁମାର ମେହେର**

### ମିଳୁନି ସହାୟତା



ଲକ୍‌ଡାଉନ ପୂର୍ବରୁ ଶାଢ଼ି ବୁଣାବୁଣି କରି ମାସିକ ୧୦ରୁ ୧୫ହଜାର ଟଙ୍କା ରୋଜଗାର ହେଉଥିଲା। ରୋଜଗାର ଟଙ୍କାରେ ମଙ୍ଗାଶାଳ ତିଆରି କରିବୁ ବୋଲି ଭାବିଥିଲୁ । ହେଲେ ଏବେ କିଛି ବେପାର ନାହିଁ । ଘରେ ବସି ରହିବାକୁ ପଡୁଛି । ସରକାର ବୁଣାକାରମାନଙ୍କୁ ସହାୟତା ଦେଉଥିବା ଶୁଣିଛି । ହେଲେ ଏଯାଏ ଆମକୁ କିଛି ମିଳିନାହିଁ । ଏକ ମଙ୍ଗାଶାଳ ପାଇଁ ସହାୟତା ଯୋଗାଇ ଦେବାକୁ ସରକାରଙ୍କୁ ନିବେଦନ କରୁଛି ।

**ଜୟଶ୍ରୀ ମେହେର**

### ପଢ଼ା ପରେ ବୁଣାକାମ



୨୦୨୦ରୁ ସ୍ନାତକ (ବାଣିଜ୍ୟ) ଶେଷ କରିଛି । ଚାକିରି ପାଇଁ ଆବେଦନ କରୁଛି । ଏହାସହିତ ଶାଢ଼ି ବୁଣାବୁଣି କାମରେ ପରିବାର ଲୋକଙ୍କୁ ସହଯୋଗ କରୁଛି। କିନ୍ତୁ କରୋନାର ପ୍ରଥମ ଲହରରୁ ଆମ ଭଳି ବୁଣାକାରମାନଙ୍କୁ ଯେଉଁଭଳି କ୍ଷତି ସହିବାକୁ ପଡିଛି, ଆଗରୁ କେବେ ଏଭଳି ହୋଇଥିବା ଜାଣି ନ ଥିଲି। ଏଭଳି ସ୍ଥିତିରେ ସରକାର ସମସ୍ତ ବୁଣାକାରମାନଙ୍କ ପାଇଁ ସହାୟତା ଘୋଷଣା କରିବା ଦରକାର ।

**ହିମବନ୍ତ ମେହେର**

## ସୁଧୁରୁନି କେନାଲ ସମସ୍ୟା, ଚାଷୀ ହଟହଟା

**ଜାମଟିକ୍ରା, ୩।୭ (ଡି.ଏନ.ଏ)**

ରାଜ୍ୟ ସରକାର ଚାଷୀଙ୍କ ପାଇଁ ପାଣି ପଞ୍ଚାୟତ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରାଦ କରୁଥିବା ବେଳେ ଏହା ଅତାବିରା ବ୍ଲକରେ ଅଣଦେଖା କରାଯାଇଛି। ଫଳରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଚାଷୀ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତ୍ୟେକ ବର୍ଷ ଅତାବିରା ବ୍ଲକର ବିଭିନ୍ନ ଶାଖା କେନାଲ ମରାମତି, କଂକ୍ରିଟ ଢ଼ଳେଇ, ସାଇଟ ୱାଲ୍, କେନାଲ ସଫା ନିମନ୍ତେ ଜଳସମ୍ପଦ ବିଭାଗରୁ ପାଣି ପଞ୍ଚାୟତ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି। ତେବେ ରକ୍ଷଣାବେକ୍ଷଣ ଅଭାବରୁ ସେଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ପରିଲକ୍ଷିତ ହେଉଛି। ଏ ନେଇ ପାଣି ପଞ୍ଚାୟତ ସଭାପତି ଓ ଜଳସମ୍ପଦ ବିଭାଗ ଅଧିକାରୀଙ୍କୁ ଚାଷୀମାନେ ଅଭିଯୋଗ କରୁଥିଲେ ମଧ୍ୟ ସେମାନେ ଅଣଦେଖା କରୁଥିବା ଅଭିଯୋଗ କରୁଛନ୍ତି। ଏଭଳି କିଛି ସମସ୍ୟା ଦେଖାଦେଇଛି ଅତାବିରା ବ୍ଲକ ବୁଗବୁଗା ଶାଖା କେନାଲରେ। କେନାଲଟି ଏବେ ଘାସଲଟାରେ ପରିପୂର୍ଣ୍ଣ ହୋଇଛି। କେନାଲକୁ ସଫା କରାଯାଉନାହିଁ। ଲୋକେ ଅଳିଆ ଆବର୍ଜନା ପକାଉଛନ୍ତି। ଫଳରେ ତଳିମୁଣ୍ଡକୁ ପାଣି ଠିକ୍ ଭାବେ ପହଞ୍ଚି ପାରୁନାହିଁ। କେନାଲର ସାଇଟ ୱାଲ୍ ନିର୍ମାଣ କରାଯାଇନାହିଁ। ଯାହା ଫଳରେ ହିଡ ଧସିଯାଉଛି। ବିଭାଗୀୟ କର୍ତ୍ତୃପକ୍ଷ ଏହି ସମସ୍ୟା ସମାଧାନ ପାଇଁ ଦାବି ହେଉଛି । ଏ ସମ୍ପର୍କରେ କେନାଲ ଏସ୍‌ଡିଓ ରବିନ୍ଦ୍ର କୁମାର ସେଟିଙ୍କ ମତାମତ ମିଳିପାରିନାହିଁ।

## ନିମ୍ନମାନର ଗ୍ୟାଲେରି କାମ, ଲୋକେ ପିଉଛନ୍ତି ଗୋଳିଆ ପାଣି

**ଦେଓଗାଁ,୩।୭(ଡି.ଏନ.ଏ)**



ସୋନଗଡ ନଦୀ ଇନଟେକୱେଲ ନିକଟରେ ହୋଇଥିବା ଗ୍ୟାଲେରି ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାରସମାଲରେ ଚଳିତବର୍ଷ ଗ୍ରୀଷ୍ମଋତୁରେ ଇନଟେକୱେଲରେ ପାଣି ଅଭାବ ହେତୁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ତରଫରୁ ସୋନଗଡ ନଦୀରୁ ଗାଁକୁ ହେଉଥିବା ଜଳଯୋଗାଣରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ଗ୍ରାମବାସୀଙ୍କ ବାରମ୍ବାର ଦାବି ପରେ ଜଳ ଯୋଗାଣ ସ୍ୱାଭାବିକ ପାଇଁ ଇନଟେକୱେଲ ନିକଟରେ ଗ୍ୟାଲେରୀ କାମ କରାଯାଇଥିଲା। ହେଲେ ଗ୍ୟାଲେରି କାମ ନିମ୍ନମାନର ହୋଇଥିବା ଯୋଗୁଁ ବର୍ତ୍ତମାନ ଗାଁକୁ ପ୍ରତ୍ୟହ ଗୋଳିଆପାଣି ଯୋଗାଇ ହେଉଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ବର୍ତ୍ତମାନ ବର୍ଷା ସମୟରେ ଏଭଳି ଗୋଳିଆ ପାଣି ବ୍ୟବହାର କରି ଲୋକେ ନାନା ରୋଗର ଶିକାର ହେବା ସମ୍ଭାବନା ଦେଖାଦେଇଛି। ଉକ୍ତ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି ଜଣାଇଛନ୍ତି । ସେହିପରି ଦେଓଗାଁ ପଞ୍ଚାୟତ ମୁଖ୍ୟାଳୟରେ ମଧ ଚଳିତ ବର୍ଷ ଏଭଳି ଗ୍ୟାଲେରୀ କାମ ନିମ୍ନମାନର ହୋଇଥିବା ଯୋଗୁଁ ଗୋଳିଆ ପାଣି ପାଇପରେ ଆସୁଥିଲା। ବିଡିଓଙ୍କ ନିକଟରେ ଗ୍ରାମ୍ୟ ଉନ୍ନୟନ କମିଟି ଲିଖିତଭାବେ ଅଭିଯୋଗ କରିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଅସନ୍ତୋଷ ଦେଖାଦେଇଛି ।

## ଥାନାରୁ ଚମ୍ପଟ ମାରିଥିବା ଅଭିଯୁକ୍ତ ନିଜେ ଆସି ଧରାଦେଲା

**ବାଉଁଶୁଣୀ, ୩।୭ (ଡି.ଏନ.ଏ.)**

ନାବାଳିକା ଅପହରଣ ମାମଲାରେ ଗିରଫ ହୋଇ ଥାନାରୁ ଗତ ଗୁରୁବାର ସକାଳେ ଚମ୍ପଟ ମାରିଥିବା ଅଭିଯୁକ୍ତ ପୁଣି ଥାନାକୁ ଆସି ଧରା ଦେଇଥିବା ଜଣାପଡିଛି। ଅଭିଯୁକ୍ତ ଜଣକ ହେଲେ କୃଷ୍ଣଚନ୍ଦ୍ର ଭୋଇ । ମିଳିଥିବା ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ଅପରାହ୍ଣରେ ମନମୁଣ୍ଡା ପୋଲିସ ବୁକୁରାମୁଣ୍ଡା ଭୋଇସାହିର କୃଷ୍ଣଚନ୍ଦ୍ରଙ୍କୁ ଅପହରଣ ମାମଲାରେ ବୌଦ୍ଧ ଜିଲା କଣ୍ଟାମାଲ ଥାନା ଅଞ୍ଚଳରୁ ଗିରଫ କରି ଥାନାକୁ ଆଣିଥିଲା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରା ନ ଯାଇ ମନମୁଣ୍ଡା ଥାନାରେ ୪୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରଖାଯାଇଥିଲା। ତେବେ ଗୁରୁବାର ପୂର୍ବାହ୍ଣରେ କୃଷ୍ଣଚନ୍ଦ୍ର କୌଶଳ କ୍ରମେ ପୋଲିସକୁ ଚକ୍ମା ଦେଖାଇ ଫେରାର ହୋଇ ଯାଇଥିଲେ । ଶୁକ୍ରବାର ପର୍ଯ୍ୟନ୍ତ ବହୁ ଖୋଜାଖୋଜି କରି ମଧ ପୋଲିସ ଅଭିଯୁକ୍ତଙ୍କ କୌଣସି ଟେର୍ ପାଇ ପାରି ନ ଥିଲା । ଶେଷରେ ଶନିବାର ନିଜର ଜଣେ ସମ୍ପର୍କୀୟଙ୍କ ସହ ସକାଳ ପ୍ରାୟ ୮ଟା ସମୟରେ କୃଷ୍ଣଚନ୍ଦ୍ର ମନମୁଣ୍ଡା ଥାନାରେ ଆସି ହାଜର ହୋଇଥିଲେ । ଥାନାରୁ ଚମ୍ପଟ ମାରି ପୁଣି ନିଜେ ଥାନାକୁ ଆସିବା ଘଟଣା ନେଇ ସାଧାରଣରେ ନା ନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଥାନାରୁ ଫେରାର ହେବା ପଛରେ କାହାର ହାତ ରହିଛି ତାର ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।ସୂଚନାଯୋଗ୍ୟ ଯେ, ଗତ ମାସରେ କଣ୍ଟାମାଲ ଥାନାରୁ ଫେରାର ମାରିଥିବା ଗଞ୍ଜେଇ ଚାଲାଣକାରୀ ଆଜି ପର୍ଯ୍ୟନ୍ତ ଧରା ପଡିନାହାନ୍ତି। ଯେଉଁମାନଙ୍କ ଦାୟିତ୍ୱହୀନତା ଯୋଗୁ ଏପରି ଘଟଣା ଘଟିଛି ସେମାନଙ୍କ ବିରୋଧରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ।

## ନ୍ୟାୟ ନ ପାଇ ଆଖି ବୁଜିଲେ ଅଙ୍ଗନବାଡି କର୍ମୀ

**ଭବାନୀପାଟଣା,୩।୭(ସ୍ୱ.ପ୍ର)**

ଜନସାଧାରଣଙ୍କ ଅଭିଯୋଗ ତୁରନ୍ତ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସରକାରଙ୍କ ପକ୍ଷରୁ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର କେଶନି ନାଗ ନାମ୍ନୀ ଜଣେ ଅଙ୍ଗନବାଡ଼ି କର୍ମୀ ନ୍ୟାୟ ମାଗି ଶେଷରେ ଆଖି ବୁଜିଛନ୍ତି। ଏପରି କି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ଠାରୁ ଆରମ୍ଭ କରି ଜିଲାପାଳ ଗାଭାଲି ପରାଗ ହର୍ଷଦଙ୍କ ନିକଟରେ ହାରି ଗୁହାରି କରିଥିଲେ ମଧ୍ୟ ନ୍ୟାୟ ମିଳିପାରି ନାହିଁ ବୋଲି ସମ୍ପୃକ୍ତ ଅଙ୍ଗନୱାଡି କର୍ମୀଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଗୋଲାମୁଣ୍ଡା ବ୍ଲକ ବନ୍ଧାଗାଁ-୨ ସେଣ୍ଟରରେ କେଶନି ଅଙ୍ଗନବାଡ଼ି କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ସେ ସ୍ଥାନୀୟ ଲୋକଙ୍କୁ ନିୟମିତ ସେବା ଯୋଗାଇ ଆସୁଥିଲେ। ହେଲେ ଗ୍ରାମର କେତେକ କୁଚକ୍ରି ଗୋଷ୍ଠୀ ତାଙ୍କ ବିରୋଧରେ ଠିକ ଭାବେ କାର୍ଯ୍ୟ କରୁ ନ ଥିବା ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ ଉପ ଜିଲାପାଳ କରିଥିଲେ। ତଦନ୍ତ ବେଳେ ଅଭିଯୋଗ ମିଥ୍ୟା ଥିବା ପ୍ରମାଣିତ ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ତାଙ୍କ ଉପରେ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ପ୍ରକାର ଚାପ ଦେବା ଆରମ୍ଭ କରିଥିଲେ। ଏପରି କି କାର୍ଯ୍ୟରୁ ଇସ୍ତଫା ଦେବାକୁ ବାଧ କରୁଥିଲେ। ତଦନ୍ତ ବେଳେ ତାଙ୍କର ତ୍ରୁଟି ନ ଥିବା ଜଣାପଡିଥିଲେ ସୁଦ୍ଧା ନିକଟସ୍ଥ ଜଣେ ଅଙ୍ଗନବାଡି କର୍ମୀଙ୍କୁ ବନ୍ଧାଗାଁ-୨ ସେଣ୍ଟରର ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହାଛଡା ତାଙ୍କ ଦରମା ଓ ରନ୍ଧା ଖାଦ୍ୟ ପ୍ରଦାନ ବାବଦକୁ ଟଙ୍କା ମଧ ବିଭାଗୀୟ ଅଧିକାରୀମାନେ ବନ୍ଦ କରି ଦେଇଥିଲେ। ୧୮ ମାସର ଦରମା ଓ ରନ୍ଧା ଖାଦ୍ୟ ବାବଦ ଟଙ୍କା ପ୍ରଦାନ ପାଇଁ ସେ ସ୍ଥାନୀୟ ସିଡିପିଓ ଅଫିସ ଓ ଡିଏସଡବ୍ଲୁଓ ଅଫିସରେ ଲିଖିତ ଭାବେ ଜଣାଇଥିଲେ। ହେଲେ ତାଙ୍କୁ ଟଙ୍କା ପ୍ରଦାନ ବଦଳରେ ମାନସିକ ନିର୍ଯାତନା ଦିଆଯାଇଥିଲା। ପରେ ସେ ଜିଲାପାଳ, ବିରୋଧୀ ଦଳ ନେତା, ଶକ୍ତିମନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏହାର କିଛି ଦିନ ପରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ବିଗିଡିବା ଆରମ୍ଭ କରିଥିଲା। ସେ ଗରିବ ପରିବାରର ହୋଇଥିବାରୁ ଉପଯୁକ୍ତ ଚିକିତ୍ସା ହୋଇ ନ ପାରି ନିକଟରେ ପ୍ରାଣ ହରାଇ ଥିଲେ। ତଥାପି ବିଭାଗ ପକ୍ଷରୁ ତାଙ୍କ ପରିବାରକୁ ଏପର୍ଯ୍ୟନ୍ତ କୋଣସି ସହାୟତା ପ୍ରଦାନ କରାଯାଇନାହିଁ। ପୂର୍ବରୁ କେଶନିଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ପୁଅ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି। ଅନ୍ୟ ଜଣେ ପୁଅ ଗାଁରେ ମୂଲ ଲାଗି ନିଜ ପରିବାର ସହ ଅତି କଷ୍ଟରେ ଗୁଜୁରାଣ ମେଣ୍ଟାଉଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ କେଶନିଙ୍କ ପରବାର ଲୋକେ ନିବେଦନ କରିଛନ୍ତି।

**ରାଜନେତାଙ୍କଠୁ ପ୍ରଶାସନ କେହି ଶୁଣିଲେନି ଡାକ**

## ଧାନ ଉଠାଣ ଦାବିରେ ଅତାବିରା ବନ୍ଦ



ଓକିଲ ସଂଘ, କୃଷକ ସଂଗଠନର ପ୍ରତିନିଧିମାନେ ପିକେଟିଂ କରୁଛନ୍ତି।

**ଅତାବିରା,୩।୭(ଡି.ଏନ,ଏ)**

ଧାନ ଉଠାଣ ଦାବିରେ ଶନିବାର ଅତାବିରା ଓକିଲ ସଂଘ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ଅତାବିରାରେ ଏହାକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଥିଲା। ସମସ୍ତ ଦୋକାନ, ବଜାର, ସରକାରୀ, ବେସରକାରୀ ଦପ୍ତର ବନ୍ଦ ରହିଥିଲା। ତେବେ ଗାଡ଼ି ଚଳାଚଳ ସ୍ୱାଭାବିକ ଥିବାବେଳେ ଡାକ୍ତରଖାନା, ଅଗ୍ନିଶମ, ମେଡ଼ିକାଲ ଷ୍ଟୋର ଆଦି ଅତ୍ୟାବଶ୍ୟକୀୟ ସେବାକୁ ବନ୍ଦରୁ ବାଦ୍ ଦିଆଯାଇଥିଲା। ଅତାବିରା ଓକିଲ ସଂଘ ସଭାପତି ଉନ୍ନିକ୍ରିଷ୍ଣନ ନାୟାର, ବିରେନ୍ଦ୍ର ବାଙ୍କା, ଅରବିନ୍ଦ ସୁଶାରୀ, ଜଗନ୍ନାଥ ରାଓଳ ୱାସିମ ରାଜା ଖାନ୍, ରାଜା ପାଣ୍ଡେ, ଯଶୋବନ୍ତ ବଘାର ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସେହିପରି କୃଷକ ସଙ୍ଗଠନର ପ୍ରତିନିଧିମାନେ ମଧ୍ୟ ସାମିଲ ହୋଇଥିଲେ। ପରେ କୃଷକ ସଙ୍ଗଠନ ଏବଂ ଓକିଲ ସଂଘ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକରେ ଧାନ ସଂଗ୍ରହ ନେଇ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଦେଇଥିବା ମନ୍ତବ୍ୟକୁ ନିନ୍ଦା କରାଯାଇଥିଲା। ଧାନ ଉଠା ନ ଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସୂଚନାଯୋଗ୍ୟ, ଧାନ ଉଠାଣ ଦାବି ନେଇ କୃଷକ ସଙ୍ଗଠନ ପକ୍ଷରୁ ଗତ ବୁଧବାରଠାରୁ ସ୍ଥାନୀୟ ବ୍ଲକ, ତହସିଲ ସମେତ ବିଭିନ୍ନ ସରକାରୀ ଅଫିସ ଆଗରେ ଧାନ ଗଦାକରି ଚାଷୀମାନେ ଧାରଣାରେ ବସିଛନ୍ତି ।

## ଘରେ ପଡ଼ି ନଷ୍ଟ ହେଉଛି ଶହେରୁ ଊର୍ଦ୍ଧ୍ୱ ବସ୍ତା ଧାନ

**ବିନିକା,୩।୭(ଡି.ଏନ୍.ଏ.)**

- ରାଜସ୍ୱ ଓ ଯୋଗାଣ ବିଭାଗ ପରସ୍ପର ଉପରେ ଦୋଷ ଲଦାଲଦି
- ଆମରଣ ଅନଶନ ଚେତାବନୀ

ସୁବର୍ଣ୍ଣପୁର ଜିଲା ବିନିକା ତହସିଲ ବାଙ୍କିଘିର୍ଡି ରାଜସ୍ୱ ସର୍କଲ ଅଧୀନ ପଲସାପାଲି ଗ୍ରାମର ଦୁଇଭାଇ ବନବାସ ପଧାନ ଓ ପ୍ରହ୍ଲାଦ ପଧାନଙ୍କ ପ୍ରାୟ ୨ ଶହ ବସ୍ତା ଧାନ ବିକ୍ରି ହୋଇ ନ ପାରି ଘରେ ପଡିରହିଛି । ସପ୍ତାହକ ମଧ୍ୟରେ ଧାନ ବିକ୍ରି ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ବିହିତ ବ୍ୟବସ୍ଥା ଗ୍ରହଣ ନ କଲେ ବାଙ୍କିଘିର୍ଡି ଆର୍.ଆଇ ଅଫିସ ଆଗରେ ସପରିବାର ଆମରଣ ଅନଶନ କରିବାକୁ ଦୁଇ ଚାଷୀ ଚେତାବନୀ ଦେଇଛନ୍ତି । ଏହି ଘଟଣାରେ ରାଜସ୍ୱ ଓ ଯୋଗାଣ ବିଭାଗ ପରସ୍ପର ବିରୋଧରେ ଦୋଷ ଲଦାଲଦି ହେଉଥିବା ବେଳେ ଚାଷୀ ହଟହଟା ହେବା ସାର ହୋଇଛି ।

ଦୁଇଭାଇ ଧାନଚାଷ କରି କୁଟୁମ୍ବ ଚଳାନ୍ତି। ଚଳିତ ରବି ଋତୁରେ ସେମାନେ ସାଢେ ୬ ଏକର ଜମିରେ ଧାନଚାଷ କରିଥିଲେ। ବନବାସ ୨ ଏକର ୬୭୦ ଡିସମିଲ ନିଜ ଜମିରେ ଚାଷ କରିଥିଲେ। ସେହିପରି ପ୍ରହ୍ଲାଦ ନିଜର ଜମି ଓ ଭାଗଚାଷୀ ଭାବରେ ୩ ଏକର ୮୩୨ ଡିସମିଲ ଜମିରେ ଧାନଚାଷ କରିଥିଲେ। ଉଭୟ ସରକାରଙ୍କ ଧାନକିଣା ନିୟମ ମୁତାବକ ଧାନ ବିକ୍ରି ପାଇଁ ନିଜ ନାଁ ଧାନକ୍ରୟ କେନ୍ଦ୍ରରେ ପଞ୍ଜୀକୃତ କରାଇଥିଲେ। ବନବାସଙ୍କ ଚାଷୀ ପଞ୍ଜୀକୃତ କୋଡ୍ ସଂଖ୍ୟା ଏଫ୍୨୯୦୧୦୦୦୨୬୪୨ରେ ଧାନବିକ୍ରିର ଟୋକନ ଆସିଥିଲା। ଏକର ପିଛା ୨୬ କୁଇଣ୍ଟାଲ ହିସାବରେ ବନବାସ କରିଥିବା ୨ଏକର ୬୭୦ ଡିସମିଲରେ ୬୦ କୁଇଣ୍ଟାଲ ଧାନ ବିକ୍ରି କରିବା ପାଇଁ ଟୋକନ ପାଇବା କଥା । ମାତ୍ର ପରିତାପର ବିଷୟ ବନବାସଙ୍କ ଧାନ ବିକ୍ରି କରିବା ପାଇଁ ୮ କୁଇଣ୍ଟାଲ ୮୪କେଜିର ଟୋକନ ମିଳିଥିଲା । ପ୍ରହ୍ଲାଦ ମଧ୍ୟ ଜମି ପରିମାଣ ହିସାବରେ ଟୋକନ ପାଇଲେ ନାହିଁ । ଫଳରେ ଦୁଇ ଭାଇ ଅମଳ କରିଥିବା ୨ଶହ ବସ୍ତା ଧାନ ବର୍ତ୍ତମାନ ଘରେ ରହି ରହି ବିଭିନ୍ନ କାରଣରୁ ନଷ୍ଟ ହେବାରେ ଲାଗିଛି । ଏନେଇ ଉଭୟ ଜିଲା ଯୋଗାଣ ବିଭାଗର ଦ୍ୱାରସ୍ଥ ହୋଇଥିଲେ । ଯୋଗାଣ ବିଭାଗ ପକ୍ଷରୁ ଆମର କିଛି ତ୍ରୁଟି ନାହିଁ, ଜମିର କିସମ ଏବଂ ପରିମାଣ ସମ୍ପର୍କରେ ତ୍ରୁଟିପୂର୍ଣ୍ଣ ରିପୋର୍ଟ ଯୋଗୁ ଏପରି ସମସ୍ୟା ହୋଇଥିବା କହିଥିଲେ। ଏହାପରେ ଉଭୟ ଭାଇ ବାଙ୍କିଘିର୍ଡି ରାଜସ୍ୱ ସର୍କଲ ଆର୍.ଆଇ ଫିରୋଜ ମେହେରଙ୍କୁ କହିବାରୁ ରିପୋର୍ଟ ଠିକ୍ ଦିଆଯାଇଥିବା କହିଥିଲେ। ଯୋଗାଣ ଓ ରାଜସ୍ୱ ବିଭାଗର ଏପରି ଦୋଷ ଲଦାଲଦିରେ ଉଭୟ ହତାଶ ହୋଇ ପରିବାର କିପରି ଚଳାଇବେ ସେହି ଚିନ୍ତାରେ ମ୍ରିୟମାଣ ହୋଇ ପଡିଛନ୍ତି।

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଳେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଆଅନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
AIIMS/BBSR/ELE-2021/O&M 33 KV SUBSTN-I&II/106 Dated: 02nd July 2021
NOTICE INVITING E-TENDER
The All India Institute of Medical Sciences (AIIMS), Bhubaneswar invites e-Tender for "Operation and Comprehensive Annual Maintenance Contract of 33/0.433 KV Substation (I & II) and External Light with Operation Services of DG Set & UPS at Hospital Campus AIIMS, Bhubaneswar." Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website www.aiimsbhubaneswar.nic.in.
Sd/-
Executive Engineer (Electrical)
AIIMS, Bhubaneswar

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୪ ଜୁଲାଇ, ୨୦୨୧

## କାର୍ଯ୍ୟରେ ଯୋଗଦେଲେ ନୂଆ ଉପଜିଲାପାଳ

ଟିଟିଲାଗଡ଼,(ଡି.ଏନ.ଏ): ଟିଟିଲାଗଡ ଉପଜିଲାପାଳ ଭାବେ ମନୋଜ ମହାଜନ ଶନିବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ୨୦୧୯ ବ୍ୟାଚର ଏହି ଯୁବ ଆଇଏଏସ ଅଧିକାରୀ ପୂର୍ବରୁ ମୁରିବାହାଲ ବିଡିଓ, ବଲାଙ୍ଗୀର ପୌର ନିର୍ବାହୀ ଅଧିକାରୀ ତଥା ତହସିଲଦାର ଭାବେ କାର୍ଯ୍ୟ କରିଥିଲେ। ଏଠାରେ ଯୋଗଦେବା ପୂର୍ବରୁ ସୁକତେଲ ଜଳସେଚନ ପ୍ରକଳ୍ପର ସ୍ୱତନ୍ତ୍ର ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଏଠାକାର ଉପଜିଲାପାଳ ସୌମେଶ ଉପାଧ୍ୟାୟଙ୍କୁ କଳାହାଣ୍ଡି ଜିଲା ପିଡିଭାବେ ବଦଳି ପରେ ମହାଜନ ଏଠାରେ ଯୋଗଦେଇଛନ୍ତି।



## ସଂକ୍ଷେପରେ

### ଅଟଳ ବିହାରୀ ପଣ୍ଡାଙ୍କ ସ୍ମୃତିରେ କଳାକାରଙ୍କୁ ସହାୟତା ପ୍ରଦାନ

**ଲୋଇସିଂହା,୩।୭(ଡି.ଏନ.ଏ):** ଅଟଳ ବିହାରୀ ପଣ୍ଡାଙ୍କ ସ୍ମୃତିରେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ନଅଗାଁ(ଖ)ଠାରେ ପଲ୍ଲୀ ଆଲୋକ ପାଠାଗାର ଓ ଜୁହାର ପରିବାର ବେଙ୍ଗାଲୁର ତରଫରୁ ଆଗଲପୁର ବ୍ଲକର ୩୬ଜଣ କଳାକାରଙ୍କୁ ଶନିବାର ସହାୟତା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଶାନ୍ତ କୁମାର ନାଏକ ଅଧ୍ୟକ୍ଷତା କରିଥିଲେ। ଲୋଇସିଂହ ବିଧାୟକ ମୁକେଶ ମହାଲିଙ୍ଗ, ଜୁହାର ପରିବାର ସଦସ୍ୟ ସିଞ୍ଚନ ମିଶ୍ର, ପ୍ରୋଗ୍ରାମ ଅଫିସର ହିରାଲାଲ ମିଶ୍ରଙ୍କ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନଅଗାଁ(ଖ) ଗ୍ରାମରେ ୧୪ଜଣ କଳାକାରଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ଝରଣୀପାଲି ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ, ସରପଞ୍ଚ ସୁଜିତ ସାହୁ, ଗଣେଶ ସାହୁ ଉପସ୍ଥିତ ରହି ୨୨ ଜଣ କଳାକାରୀଙ୍କୁ ସହାୟତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଲ୍ଲୀ ଆଲୋକ ପାଠାଗାର ସଦସ୍ୟ ଗୋବିନ୍ଦ ବିଶି, ପ୍ରହଲ୍ଲାଦ ପଧାନ, ପ୍ରଶାନ୍ତ କୁଅଁର ପ୍ରମୁଖ ସହଯୋଗ କରିଥିଲେ।

### ଖଦ୍ୟୋତ ଅନୁଷ୍ଠାନର ବୈଠକ

**ବଲାଙ୍ଗୀର ଅଫିସ,୩।୭:** ବଲାଙ୍ଗୀର ମାଲପଡାସ୍ଥିତ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ଖଦ୍ୟୋତ ପକ୍ଷରୁ ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧକ୍ଷତାରେ କୋଭିଡ୍ ୧୯ ନିୟମ ପାଳନ କରି ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ମଧ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ କୃତିତ୍ୱ ହାସଲ ଥିବା ଶ୍ରେଷ୍ଠ ଛାତ୍ରୀଛାତ୍ର ମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯିବାକୁ ସ୍ଥିରୀକୃତ ହୋଇଛି। ତତ୍‌ସହିତ ଅସହାୟ ଲୋକଙ୍କୁ ଶୁଖିଲା ଖାଦ୍ୟ, ମାସ୍କ, ସାନିଟାଇଜର ଆଦି ବଣ୍ଟନ ପାଇଁ ସଭ୍ୟମାନେ ମତାମତ ଦେଇଥିଲେ। ଆଗାମୀ ଦିନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିବା ପାଇଁ ସଭ୍ୟମାନେ ମତ ରଖିଥିଲେ। ବୈଠକରେ ଉପସଭାପତି ଆକୁଳ ବେହେରା, ସହସମ୍ପାଦକ ରାଜେଶ ପାଣିଗ୍ରାହୀ, ନୀଳମଣି ବିଶ୍ୱାଳ, ଉମାକାନ୍ତ ନାଥ, ମନବୋଧ ଦାଶ, ଜୟରାମ ପଣ୍ଡା ଉପସ୍ଥିତ ଥିଲେ। ଶେଷରେ ରାଜେଶ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

### ବାଦିବାହାଲରେ ପାଇପ ଜଳଯୋଗାଣ ବନ୍ଦ

**ଲୋଇସିଂହା,୩।୭(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହଲ ଗ୍ରାମରେ ଦୀର୍ଘଦିନ ହେଲା ପାଇପ ଜଳ ଯୋଗାଣ ବନ୍ଦ ରହିଛି। ମୋଟର ଅଚଳ ଯୋଗୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ପଞ୍ଚାୟତ ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ମଧ ସୁଫଳ ମିଳି ନଥିବା ଗ୍ରାମର ସୁନୀଲ ଦାସ କହିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଗ୍ରାମାବସୀ ଦାବି କରିଛନ୍ତି।

### ତାଲୁକ ଆଇନ ସେବା ସମିତି ପକ୍ଷରୁ ଚାରାରୋପଣ

**ତରଭା,୩।୭(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ଜେଏମଏଫସି କୋର୍ଟ ପରିସରରେ ଶନିବାର ସୋନପୁର ତାଲୁକ ଆଇନସେବା ସମିତି ତରଫରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜେଏମଏଫସି କୋର୍ଟ ମାଜିଷ୍ଟ୍ରେଟ ସରିତା ପଣ୍ଡାଙ୍କ ତତ୍ତ୍ୱାବଧାନରେ କୋର୍ଟ ଷ୍ଟାଫ ସୁଶାନ୍ତ ମିଶ୍ର, ଶୁଭଦର୍ଶିନୀ ମିଶ୍ର, ଦେବାଶିଷ ମିଶ୍ର, ଦତ୍ତାତ୍ରେୟ ରଥ ପ୍ରମୁଖ କୋର୍ଟ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ଓକିଲ ସଂଘ ସଭାପତି ଅକ୍ଷୟ କୁମାର ବାଘ, ସଞ୍ଜିବ ସାହୁ, ସାନନ୍ଦ ବିହାରୀ ମହାପାତ୍ର, ସୁରେଶ ମହଲା, ସରକାରୀ ଓକିଲ ଉମେଶ ନାଏକ, ହନୁମାନ ମିଶ୍ର, ଶ୍ରବଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଚାଲିଛି ବାଲି ଚୋରାଚାଲାଣ

**ଅତାବିରା, ୩।୭ (ଡି.ଏନ.ଏ):** ବରଗଡ ଜିଲା ୫୪ ନଂ. ଗୋଡଭଗା-ତୁରୁମ ରାଜପଥରେ ପ୍ରତିଦିନ ବାଲି ଚୋରା ଚାଲାଣ କରାଯାଉଛି। ମହାନଦୀ, ଜିରା ଦଣ୍ଡା, ଝାଉଁଯୋରର ବିଭିନ୍ନ ବାଲିଘାଟରୁ ଟ୍ରାକ୍ଟର, ହାଇୱା ଯୋଗେ ବାଲି ଉଠାଇ ବୁର୍ଲା, ଗୋଶାଳା, ସମ୍ବଲପୁର ଅଞ୍ଚଳକୁ ଚୋରା ଚାଲାଣ ହେଉଛି। ଫଳରେ ସରକାରଙ୍କର ଲକ୍ଷାଧିକ ଟଙ୍କା ରାଜସ୍ୱ ହାନି ହେଉଛି। ମାଫିଆମାନେ କିଛି ପ୍ରଶାସନିକ ଅଧିକାରୀଙ୍କୁ ହାତ କରି ଏଭଳି କାମ କରୁଛନ୍ତି। ରୁଷୁଡା, ଗର୍ଭଣା, ଦେଶଭଟିଲି, କାଦୋବାହାଲ, ଲରମ୍ବା, ଦୁଲମପୁର, ଗୋଡଭଗା ଆଦି ରାଜସ୍ୱ କାର୍ଯ୍ୟାଳୟ ରାଜପଥ ପାର୍ଶ୍ୱରେ ଥିଲେ ମଧ ବାଲି ଚୋରା ଚାଲାଣକାରୀ ମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏ ନେଇ ଅତାବିରା ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କୁ ପଚାରିବାରୁ ତଦ୍ଦାଉ କରି ଦୃଢ଼ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

# କାମ ଅସମ୍ପୂର୍ଣ୍ଣ, ବଢୁଛି ଅସନ୍ତୋଷ

**ସୋନପୁର,୩।୭(ନି.ପ୍ର.)**

- ଅଧାରେ ରହିଲା ଜବରଦଖଲ ଉଚ୍ଛେଦ
- ରାସ୍ତାରେ ପ୍ରବାହିତ ହେବ ଡ୍ରେନ୍ ପାଣି

ସୁବର୍ଣ୍ଣପୁର ସହରରେ ଉନ୍ନୟନମୂଳକ କାର୍ଯ୍ୟଗୁଡିକ ଅଧାପନ୍ତରିଆଭାବେ ପଡି ରହିଛି। ନିର୍ଦ୍ଧାରିତ ସମୟରେ କୌଣସି କାମ ସରୁନି। ଏଭଳି କାମକୁ ନେଇ ସହରବାସୀ ଅସନ୍ତୁଷ୍ଟ ଅଛନ୍ତି। ଗଙ୍ଗାଧର ମେହେର ଛକଠାରେ ପୌର ପରିଷଦ ପକ୍ଷରୁ ଏକ ଛୋଟ ପୋଲ ନିର୍ମାଣ କାମ ଚାଲିଛି। କାମ ସରି ନ ଥିବାରୁ ଦୀର୍ଘ ଅଢେଇ ମାସ ହେଲା ରାସ୍ତାରେ ଯାତାୟତ ବନ୍ଦ ଅଛି। ବ୍ୟବସାୟୀ ଓ ଅଞ୍ଚଳବାସୀ ଅନ୍ୟ ରାସ୍ତା ଦେଇ ଯିବା ଆସିବା କରୁଛନ୍ତି। ଅନ୍ୟପକ୍ଷେ ଜବରଦଖଲ ସହର ପାଇଁ ବିପଦ ସୃଷ୍ଟି କରିଛି। ଡ୍ରେନ୍, ସରକାରୀ ଜମି ଜବରଦଖଲ ଯୋଗୁଁ ଜଳ ନିଷ୍କାସନରେ ବାଧା ଉପୁଜୁଛି। ସାମାନ୍ୟ ବର୍ଷା ହେଲେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ନାଳ, ନର୍ଦ୍ଦମାର ଅପରିଷ୍କାର ପାଣି ଉପରେ ଲୋକେ ଯିବା ଆସିବା କରୁଛନ୍ତି।

ବଡବଜାର ଅଞ୍ଚଳରେ ଦୀର୍ଘ ଦିନର ସମସ୍ୟା ଦୂର ପାଇଁ ପୌର ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା। ସର୍ବସାଧାରଣ ଡ୍ରେନ୍‌କୁ ଜବରଦଖଲ କରି ସ୍ଥାୟୀ ନିର୍ମାଣ କରିଥିବା ବ୍ୟକ୍ତିଙ୍କୁ ନୋଟିସ୍ ଜାରି ହୋଇଥିଲା। ବିଜୁ ପଟ୍ଟନାୟକ ଛକରୁ ଗଙ୍ଗାଧର ମେହେର ଛକ ଓ ଦୁର୍ଗାମଣ୍ଡପ ଛକରୁ କୁମ୍ଭାରପଡା ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ପରେ ଡ୍ରେନ୍ ନିର୍ମାଣ ହୋଇଛି। ତେବେ ଡ୍ରେନ୍‌ଗୁଡିକ ଉପରେ ସ୍ଲାବ୍ ପଡିନି। ସେମିତି ଖୋଲା ଛାଡି ଦିଆଯାଇଛି। ଗଙ୍ଗାଧର ମେହେର ଛକରୁ ଦୁର୍ଗାମଣ୍ଡପ ଛକ ପର୍ଯ୍ୟନ୍ତ ଡ୍ରେନ୍‌ରୁ ଜବରଦଖଲ ଉଚ୍ଛେଦ ହୋଇନି। ତେଣୁ ଡ୍ରେନ୍ ପାଣି ନିଷ୍କାସିତ ହୋଇପାରୁନି। ବର୍ଷାଋତୁରେ ଏହା ସମସ୍ୟା ସୃଷ୍ଟି କରିବା ନିଶ୍ଚିତ। ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଏଥିରେ ଅବହେଳା ପ୍ରଦର୍ଶନ କରୁଥିବା ସହରବାସୀ ଅଭିଯୋଗ କରିଛନ୍ତି। ଗତ ଅଢେଇବର୍ଷ ଧରି ପୌର ପରିଷଦ ନିର୍ବାଚିତ ପ୍ରତିନିଧିଙ୍କ ନିୟନ୍ତ୍ରଣରେ ନାହିଁ। ଜିଲାପାଳ ପରିଷଦର ପ୍ରଶାସନିକ ଅଧିକାରୀ ଅଛନ୍ତି। ତେଣୁ ସହରକୁ ସରସ ସୁନ୍ଦର କରିବା ପାଇଁ ବିନା ଚାପରେ ଉଚ୍ଛେଦ ପ୍ରକ୍ରିୟା ଦ୍ୱରାନ୍ୱିତ ହେବ ବୋଲି ବୁଦ୍ଧିଜୀବୀ ଆଶା ବାନ୍ଧିଥିଲେ। ମାତ୍ର ସେପରି କିଛି ଆଖିଦୃଶିଆ କାର୍ଯ୍ୟ ହେଲାନି। ଏ ସମ୍ପର୍କରେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍ କୁହନ୍ତି, ଜବରଦଖଲ ଯୋଗୁଁ ଡ୍ରେନ୍ ସଫେଇ ଓ ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହେଉଛି। ଉଚ୍ଛେଦ ପ୍ରକ୍ରିୟା ପୁଣି ଆରମ୍ଭ ହେବ। ଗଙ୍ଗାଧର ମେହେର ଛକରେ କଲଭଟ ଓ କଂକ୍ରିଟ୍ ରାସ୍ତା ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି କହିଥିଲେ।



ଗଙ୍ଗାଧର ମେହେର ଛକରେ ରାସ୍ତା ଓ କଲଭର୍ଟ ନିର୍ମାଣ ଅସମ୍ପୂର୍ଣ୍ଣ ରହିଛି।

# ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ



ଶ୍ରୀରାମ ମନ୍ଦିର କମ୍ୟୁନିଟି ହଲ ଶିଳାନ୍ୟାସ ଅବସରରେ ଅନ୍ୟମାନଙ୍କ ସହ ମନ୍ତ୍ରୀ ଟୁକୁନି ସାହୁ।

**ଟିଟିଲାଗଡ଼, ୩।୭ (ଡି.ଏନ.ଏ.)**

ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତିମନ୍ତ୍ରୀ ଟୁକୁନି ସାହୁ ଶନିବାର ଟିଟିଲାଗଡ ପୌରାଞ୍ଚଳରେ ଏକାଧିକ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ସ୍ଥାନୀୟ ବିଜୁ ପଟ୍ଟନାୟକ ଛକଠାରେ ନବନିର୍ମିତ ଶୌଚାଳୟ, ହାଟପଦା ପଡା ପରିବା ବଜାର, ଦୋକାନ ଗୃହ, ରେଲୱେ ଷ୍ଟେଶନରୁ ୱେର ହାଉସ ଏବଂ ପୌର ପରିଷଦ ପଛପଟରେ ପାର୍କିଂଷ୍ଟାଣ୍ଡ, ୯ ନମ୍ବର ୱାର୍ଡରେ ୧୩ ଲକ୍ଷ ୬୦ହଜାର ଟଙ୍କାରେ ନିର୍ମିତ ଡ୍ରେନେଜ ବ୍ୟବସ୍ଥାର ଉଦ୍‌ଘାଟନ ତଥା ରାମମନ୍ଦିର ନିକଟରେ ୫ଲକ୍ଷ ଟଙ୍କା ବ୍ୟୟରେ କମ୍ୟୁନିଟି ହଲର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ବିଦାୟୀ ଉପଜିଲାପାଳ ସୋମେଶ ଉପାଧ୍ୟାୟ, ନୂତନ ଉପଜିଲାପାଳ ମନୋଜ ମହାଜନ, ପୌର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ ପଟେଲ, ଜିଲା ସମାଜ କଲ୍ୟାଣ ଅଧିକାରୀ ବିଦ୍ୟୁତ୍‌ଲତା ପାତ୍ର, ବ୍ଲକ ଅଧକ୍ଷା ରମାକାନ୍ତି ପୁଟେଲ, ସିଡିପିଓ ମୃଣ୍ମୟୀ ଭୋଇ, ସିଇଓ ଶୁଭଶ୍ରୀ ଧଳ, ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ପ୍ରେମ ଜୈନ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ମନ୍ତ୍ରୀ ସାହୁ ବ୍ଲକ ଅନ୍ତର୍ଗତ ବାନ୍ଧୁପଲାଠାରେ ମହିଳା ଗୋଷ୍ଠୀଙ୍କୁ ମାଗଣାରେ ଗ୍ୟାସ ଚୁଲା, ସିଲିଣ୍ଡର ଓ ମାସ୍କ ବଣ୍ଟନ କରିଥିଲେ।

# ୧୦୦ ହେକ୍ଟର ଜମିରେ ଚାରାରୋପଣ ଲକ୍ଷ୍ୟ

**ଅମରପାଲି, ୩।୭ (ଡି.ଏନ.ଏ.)**

ସୁବର୍ଣ୍ଣପୁର ବନଖଣ୍ଡ ଅନ୍ତର୍ଗତ ବୀରମହାରାଜପୁର ବନାଞ୍ଚଳର ଲୁଡୁରପଙ୍କ (ମେଟାକାନୀ ଛକ)ରେ ଶନିବାର ବନ ବିଭାଗ ତରଫରୁ ୭୨ତମ ବନ ମହୋତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ସାମୂହିକ ବୃକ୍ଷରୋପଣ କରାଯାଇଛି। ପ୍ରାରମ୍ଭରେ ବୀରମହାରାଜପୁର ରେଞ୍ଜ ଅଧିକାରୀ ଅବିନାଶ ବରିହାଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ସୁଶାନ୍ତ ସାମନ୍ତରାଏ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ବାଣିଜ୍ୟ ପରିବହନ ଓ ଯୋଜନା ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଏବଂ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ ଓ ବୀରମହାରାଜପୁର ଉପଜିଲାପାଳ ଅଶୋକ ଭୋଇ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସଭା ପରେ ଉକ୍ତ ଅଞ୍ଚଳରେ ଥିବା ଖାଲି ଜମିରେ ଅତିଥିମାନେ ବୃକ୍ଷରୋପଣ କରିବା ସହିତ ସମସ୍ତ ବନ ବିଭାଗର କର୍ମଚାରୀ, ସ୍ଥାନୀୟ ଅଞ୍ଚଳର ଜନ ସାଧାରଣ ଓ ଜନ ପ୍ରତିନିଧିମାନେ ମଧ ଚାରାରୋପଣ କରିଥିଲେ। ଏଠାରେ ପ୍ରାୟ ୫୦ ହେକ୍ଟର ଲେଖାଏଁ ଦୁଇଟି ଜମିରେ ଚାରା ରୋପଣ କରାଯିବାର ଲକ୍ଷ୍ୟ ଥିବା ରେଞ୍ଜ ଅଧିକାରୀ ବରିହା ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲୁଡୁରପଙ୍କ ସରପଞ୍ଚ ସୁଜାତା ସାହୁ, ଦୁର୍ଜନଟେଲା ସରପଞ୍ଚ ରଞ୍ଜିତ ଖେତି, ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ ରଥ, ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁଙ୍କ ସମେତ ବନପାଳ ଓ ବନରକ୍ଷୀମାନେ ଯୋଗଦେଇଥିଲେ।



ଲୁଡୁରପଙ୍କରେ ସାମୂହିକ ବୃକ୍ଷରୋପଣ କରାଯାଉଛି।

# ଶିଶୁ ମନ୍ଦିରରେ ବନ ମହୋତ୍ସବ

**ଲୋଇସିଂହା,୩।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବନମହୋତ୍ସବ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତସଭାରେ ପ୍ରଧାନ ଅଚାର୍ଯ୍ୟ ସନାତନ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ବନାଞ୍ଚଳ ରେଞ୍ଜର ରାଜକିଶୋର ନାଏକ ମୁଖ୍ୟଅତିଥି, ଶିକ୍ଷକ ଭକ୍ତଚରଣ ନାଏକ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅମ୍ଳଜାନ ସଙ୍କଟକୁ ଦୂର କରିବା ପାଇଁ ଜଙ୍ଗଲ ବୃଦ୍ଧିର ଆବଶ୍ୟକତା ରହିଥିବା ଅତିଥିମାନେ ମତପ୍ରକାଶ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ନିତ୍ୟାନନ୍ଦ ପଧାନ ସଭା ସଂଯୋଜନା କରିଥିଲେ। ପରିଚାଳନା ସମିତି ସମ୍ପାଦକ ପ୍ରତାପ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା।

# ସମୟ ଗଡୁଛି, ମିଳୁନି ଘର

**ଲାଠୋର, ୩।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଅଞ୍ଚଳର ଅନେକ ଗରିବ ଶ୍ରେଣୀର ଲୋକେ ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି। ବର୍ଷ ପରେ ବର୍ଷ ଗଡି ଚାଲିଥିଲେ ବି ସେମାନଙ୍କୁ ଘର ଯୋଗାଇ ଦିଆ ଯାଉନାହିଁ। କରୁଆଁଝର ଗ୍ରାମର ସୁଦର ରଣା, କପୁର ମହାନନ୍ଦ, ରତ୍ନାକର ପୁଟେଲ, ନିତ୍ୟା ପୁଟେଲ, ମଙ୍ଗଲୁ ପୁଟେଲ, ଗୁବନ ରଣା, ଦୁତିଆ ବରିହା, ରଘୁନାଥ ବରିହା ଏବଂ ସାନଗୁର୍ଜିଭଟା ପାଲିପଡାର ଓମକାର ଧରୁଆ, ଗୌରୀ ଛତ୍ରିଆ, ରତନ ନାଏକ, ଲବ ଧରୁଆ, ମହାଦେବ ହାତଫରିଆଙ୍କ ପରି ବ୍ୟକ୍ତି ଅଭିଯୋଗ କରିଛନ୍ତି ଯେ, ବିଭିନ୍ନ ସମୟରେ ଦାବି କରି ଆସିଥିଲେ ବି ସେମାନଙ୍କ କଥା କେହି ଶୁଣୁ ନାହାନ୍ତି। ଏସଇସିସି ତାଲିକାରେ ତୁମମାନଙ୍କର ନାମ ନାହିଁ, ସିରିଏଲ ନମ୍ବର ଆସିଲେ ଗୃହ ଯୋଗାଇ ଦିଆଯିବ ବୋଲି ଅଧିକାରୀମାନେ କହୁଥିବା ସେମାନେ ଅଭିଯୋଗ କରିଛନ୍ତି। ସର୍ବୋପରି କହିବାକୁ ଗଲେ ବାସଗୃହ ନ ଥିବାରୁ ଗରିବ ପରିବାରର ଏହି ବ୍ୟକ୍ତିମାନେ ମାଟି ଖପର ଘରେ ବଡକଷ୍ଟରେ ରହୁଛନ୍ତି। ଏହାର ତଦନ୍ତ କରି ଯୋଗ୍ୟ ପରିବାରଙ୍କୁ ବାସଗୃହ ଯୋଗାଇ ଦେବାକୁ ଦାବି ହେଉଛି।



ଭଙ୍ଗା ଖପର ଘର ସମ୍ମୁଖରେ ମଙ୍ଗଲୁ ପୁଟେଲ।

## ଅଙ୍ଗନୱାଡି କେନ୍ଦ୍ର ଚାଉଳ ଲୁଟ୍ ମାମଲା

# ୨ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍

**ବଲାଙ୍ଗୀର ଅଫିସ, ୩।୭**

- ଡିଏସ୍‌ଡବ୍ଲ୍ୟୁଓଙ୍କୁ କୋରାପୁଟ ବଦଳି

ବଲାଙ୍ଗୀର ଜିଲାରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଅନ୍ତର୍ଗତ ଅଙ୍ଗନୱାଡି କେନ୍ଦ୍ରକୁ ହେଉଥିବା ଚାଉଳ ଯୋଗାଣରେ ହରିଲୁଟ୍ ଅଭିଯୋଗ ହୋଇଥିଲା। ଏହି ମାମଲାରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ସମାଜ ମଙ୍ଗଳ ଅଧିକାରୀ (ଡିଏସ୍‌ଡବ୍ଲ୍ୟୁଓ) ବିଦ୍ୟୁତ୍‌ଲତା ପାତ୍ର ଏଡିଏସ୍‌ଡବ୍ଲ୍ୟୁଓ ନାନ୍‌କୁ ସା ଓ ସେକ୍ଟର ଅଫିସର ପଞ୍ଚାନନ ପୂଜାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଗତ ୧ତାରିଖ ଉଭୟ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ୩ତାରିଖ ସୁଦ୍ଧା ଜବାବ ଦାଖଲ କରିବାକୁ କୁହାଯାଇଥିଲା। ସୂଚନା ଅନୁଯାୟୀ ସେକ୍ଟର ଅଫିସର ପୂଜାରୀ କାରଣ ଦର୍ଶାଅ ନୋଟିସ୍‌ର ଜବାବଦାଖଲ କରିଛନ୍ତି। ଏଡିଏସ୍‌ଡବ୍ଲ୍ୟୁଓ ସା ଛୁଟିରେ ଥିବାରୁ ତାଙ୍କ ଜବାବଦାଖଲ ସମ୍ପର୍କରେ ଜଣାପଡିନାହିଁ। ତେବେ ଡିଏସ୍‌ଡବ୍ଲ୍ୟୁଓ ପାତ୍ରଙ୍କୁ ଇତିମଧ୍ୟରେ କୋରାପୁଟ ବଦଳି କରାଯାଇଛି। ଦୁଇ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବା ଏବଂ ଡିଏସ୍‌ଡବ୍ଲ୍ୟୁଓଙ୍କୁ ବଦଳି କରାଯିବା ଜଣାପଡିବା ପରେ ପୁଣି ଥରେ ଅଙ୍ଗନୱାଡି ଚାଉଳ ହରିଲୁଟ୍ ମାମଲା ଚର୍ଚ୍ଚାର ବିଷୟ ହୋଇଛି। ଗତ ମେ ୨୯ ତାରିଖ ଦିନ ପୁଇଁତଲା ବ୍ଲକ ମହାମୁଣ୍ଡା ସେକ୍ଟରର ବିଭିନ୍ନ ଅଙ୍ଗନୱାଡି ସେଣ୍ଟରକୁ ଟ୍ରାନ୍ସପୋର୍ଟିଂ ଏଜେଣ୍ଟ ଜରିଆରେ ଚାଉଳ ବସ୍ତା ଯୋଗାଣ ହୋଇଥିଲା। ସେକ୍ଟର ଅନ୍ତର୍ଗତ ଅଙ୍ଗନୱାଡି ସେଣ୍ଟରକୁ ଯୋଗାଣ ହୋଇଥିବା ବସ୍ତାରେ ନିର୍ଦ୍ଧାରିତ ପରିମାଣରୁ କମ୍ ଚାଉଳ ଥିବା କେତେକ ଅଙ୍ଗନୱାଡି କର୍ମୀ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଘଟଣା ସମ୍ପର୍କରେ ପୁଇଁତଲା ସିଡିପିଓ ଓ ଜିଲା ସମାଜ ମଙ୍ଗଳ ଅଧିକାରୀ (ଡିଏସ୍‌ଡବ୍ଲ୍ୟୁଓ)ଙ୍କୁ ଜଣାଇଥିଲେ। ଅଭିଯୋଗ ପାଇବା ପରେ ଘଟଣାକୁ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜିଲାପାଳ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସିଡିପିଓ ପାଣି ଅଭିଯୋଗ ହୋଇଥିବା ସେଣ୍ଟରଗୁଡିକୁ ଯାଇ ଯାଞ୍ଚ କରିବା ପରେ ଗୋଟିଏ ବସ୍ତାରେ ୨ରୁ ୫ କେଜି ମଧ୍ୟରେ ଚାଉଳ କମ୍ ଥିବା ଜଣାପଡିଥିଲା। ଏହାପରେ ସମ୍ପୃକ୍ତ ଟ୍ରାନ୍ସପୋର୍ଟିଂ ଏଜେଣ୍ଟ ରାଜେଶ ରଞ୍ଜନ ପାତ୍ରଙ୍କ ନାଁରେ ଥାନାରେ ଅଭିଯୋଗ କରାଯାଇଥିଲା। ପୁଇଁତଲା ଥାନାରେ ଏ ନେଇ ଏକ ମାମଲା (ନଂ.୯୯/୨୧) ରୁଜୁ ହୋଇଥିଲା।

# ୨ ଅକ୍ସିଜେନ କନ୍‌ସେଣ୍ଟ୍ରେଟର ପ୍ରଦାନ

**ଲୋଇସିଂହା,୩।୭(ଡି.ଏନ.ଏ.)**

ଓଡିଶା ରାଇଜିଙ୍ଗ ଫାଉଣ୍ଡେସନ ପକ୍ଷରୁ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨ଟି ଅକ୍ସିଜେନ କନସେଣ୍ଟ୍ରାଟର ଶନିବାର ପ୍ରଦାନ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ଝାରମୁଣ୍ଡା ଆଥଲେଟିକ ଆସୋସିଏଶନ ସଭାପତି ଶ୍ୟାମସୁନ୍ଦର ମେହେରଙ୍କ ଅଧ୍ୟକ୍ଷତା କରିଥିଲେ। ଏଥି ଓଡିଶା ରାଇଜିଙ୍ଗ ଫାଉଣ୍ଡେସନର ପରାମର୍ଶଦାତା ବ୍ରଜେନ୍ଦ୍ର କିଶୋର ପଣ୍ଡା, ଲୋଇସିଂହା ସରପଞ୍ଚ ସଂଘ ସମ୍ପାଦକ ସୁନୀଲ କୁମାର ଅଗ୍ରୱାଲ ଅତିଥିଭାବେ ଯୋଗଦେଇଥିଲେ। ଚିକିତ୍ସା ଅଧିକାରୀ ପ୍ରତିମା ସୋରେନ, ଡା.ଶେଖରଲାଲ ପଧାନ, ପିଏଚଓ ରମେଶ ସାହ, ବିପିଏମ ସନ୍ତୋଷ ଦୋରାଙ୍କ ଉପସ୍ଥିତରେ ଅକ୍ସିଜେନ କନସେଣ୍ଟ୍ରାଟର ପ୍ରଦାନ କରାଯାଇଥିଲା।




ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅକ୍ସିଜେନ କନସେଣ୍ଟ୍ରେଟର ପ୍ରଦାନ କରାଯାଉଛି।

# ମା’ବାପଙ୍କ ମୃତ୍ୟୁ: ତିନି ଭଉଣୀଭାଇ ବେସାହାରା

**ବେଲପଡା, ୩।୭(ଡି.ଏନ.ଏ.)**

କିଏ ଜାଣିଥିଲା ଏମିତି ଝଡ ଆସି ଗୋଟିଏ ପରିବାରକୁ ଦୁଃଖ ଅଜାଡି ଦେବ। ଆଠଦିନ ମଧ୍ୟରେ ଜ୍ୱରରେ ଆକ୍ରାନ୍ତ ହୋଇ ଆରପାରିକୁ ଚାଲିଗଲେ ମାବାପା। ମାବାପାଙ୍କୁ ହରାଇ ୩ ନାବାଳକ ଭଉଣୀଭାଇ ଏବେ ବେସାହାରା ହୋଇଯାଇଛନ୍ତି। ଏହିଭଳି ଏକ ଦୁଃଖଦ ଘଟଣା ଘଟିଛି ବଲାଙ୍ଗୀର ଜିଲା ବେଲପଡା ବ୍ଲକ ସୁଲେକେଲା ଗାଁ ଭାଗବତପଡାରେ। ସ୍ୱାମୀଙ୍କ ସହ ବରଗଡ ଜିଲା ଅତାବିରାକୁ କାମ କରିବାକୁ ଯାଇଥିବା ବେଳେ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ ରୁଖ ରାଉତ(୩୫)। କରୋନା ପରୀକ୍ଷା ପରେ ସେ ପଜିଟିଭ ଚିହ୍ନଟ ହୋଇଥିଲେ। ଗତ ଜୁନ ୨୫ତାରିଖରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାର ୮ଦିନ ପରେ ସ୍ୱାମୀ ସଞ୍ଜୟ ରାଉତ ଆଖି ବୁଜିଥିଲେ। ସେ ବି କରୋନା ପଜିଟିଭ ଚିହ୍ନଟ ହୋଇଥିବା କୁହାଯାଉଛି। ଏହାପରେ ସଞ୍ଜୟ ଓ ରୁଖଙ୍କ ଝିଅ ରାଜେଶ୍ୱରୀ (୧୨), ପୂଜା (୧୦) ଓ ପୁଅ ନାରାୟଣ (୮) ଅସହାୟ ହୋଇ ପଡିଛନ୍ତି। ଆହା କହିବାକୁ ସେମାନଙ୍କୁ କେହିନାହିଁ। ଏମିତି ଦୁଃଖ ସମୟରେ ସହଯୋଗର ହାତ ବଢାଇଛନ୍ତି ପଶ୍ଚିମ ଓଡିଶା ଯାଦବ ବିକାଶ ପରିଷଦ ଅଧ୍ୟକ୍ଷ ବଳରାମ ସିଂ ଯାଦବ। ଶନିବାର ସେ ସଂଗଠନର ଅନ୍ୟ କର୍ମକର୍ତ୍ତାଙ୍କ ସହ ସୁଲେକେଲା ଯାଇ ତିନି ଭଉଣୀଭାଇଙ୍କୁ କିଛି ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି। ସରକାର ଯଦି ଏହି ଅନାଥ ପିଲାଙ୍କ କଥା ନ ବୁଝିବେ ତେବେ ସେ ଭରଣପୋଷଣ ଦାୟିତ୍ୱ ନିଜେ ବହନ କରିବେ ବୋଲି କହିଛନ୍ତି। ଏହି ଅବସରରେ ସଂଗଠନର ସମ୍ପାଦକ ସର୍ଜନ ଯାଦବ, ବେଲପଡା ବ୍ଲକ ସମ୍ପାଦକ ଦିଲୀପ ଯାଦବ, ଗୋପବନ୍ଧୁ ଯାଦବ, କୋଶଳବାଦୀ ନେତା ବନାମାଳୀ ରାଜପୁର, ନିତ୍ୟା ବେହେରା, ଆଶିଷ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅପରାହ୍ନରେ ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ସୁଲେକେଲା ଆସି ଏହି ଅନାଥ ପିଲାଙ୍କ ଭଲମନ୍ଦ ବୁଝିବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।



ପଶ୍ଚିମ ଓଡିଶା ଯାଦବ ବିକାଶ ପରିଷଦ କର୍ମକର୍ତ୍ତା ଅନାଥ ପିଲାଙ୍କୁ ସମବେଦନା ଜଣାଉଛନ୍ତି।

## ସହାୟତାର ହାତ ବଢାଇଲା ଯାଦବ ବିକାଶ ପରିଷଦ